## ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ନେଇ ଅସନ୍ତୋଷ

# କେନାଲବନ୍ଧ ଉପରେ ଚାଲିଛି ପାଚେରି ନିର୍ମାଣ

ସାଲେପୁର, ୧୮ ।୧(ସମିସ)

ବସ୍‌ଷ୍ଟାଣ୍ଡ ନିର୍ମାଣ କରୁଥିବା ଠିକାଦାର କେନାଲବନ୍ଧକୁ ଜବରଦଖଲ କରି ବସ୍‌ଷ୍ଟାଣ୍ଡ ନିର୍ମାଣ କରୁଥିବା ଦେଖାଯାଇଛି । କେନାଲରେ ପାଣି ଆସିଲେ ଯଦି କୌଣସି ସମସ୍ୟା ସୃଷ୍ଟି ହୁଏ, ତେବେ କେନାଲବନ୍ଧକୁ ମରାମତି କରିବା ପାଇଁ ସେହି ସ୍ଥାନରେ କୌଣସି ବ୍ୟବସ୍ଥା ମଧ କରାଯାଇ ନାହିଁ । କେନାଲବନ୍ଧକୁ ମଡାଇ ବସ୍‌ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିବାରୁ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି ।



ପ୍ରକାଶ ଯେ ଏବେ ସାଲେପୁର ବସଷ୍ଟାଣ୍ଡ ପାଇଁ ଜାଗା ଚିହ୍ନଟ ହୋଇ ବସ୍‌ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି । ଜନୈକ ଠିକାଦାର ଚିହ୍ନଟ ହୋଇଥିବା ସ୍ଥାନରେ ବସ୍‌ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ନ କରି କେନାଲବନ୍ଧ ଉପରେ ପିଲର ନିର୍ମାଣ କରିଛି । ସରକାରଙ୍କ ନିୟମ ଅନୁଯାୟୀ କେନାଲବନ୍ଧଠାରୁ ପ୍ରାୟ ୧୦ଫୁଟରୁ

**● ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଅଛି ଆବଶ୍ୟକ ଜାଗା**

ଉର୍ଦ୍ଧ୍ୱ ପର୍ଯ୍ୟନ୍ତ ନୟନଜୋରୀ ରହିଥାଏ । ଯଦି କେନାଲ ବନ୍ଧରେ କୌଣସି ସମସ୍ୟା ସୃଷ୍ଟି ହୁଏ, ତେବେ ଏହି ନୟନଜୋରୀରୁ ମାଟି ପକାଯାଇ କେନାଲବନ୍ଧକୁ ମରାମତି କରାଯାଇଥାଏ । କିନ୍ତୁ ଠିକାଦାର ଜଣକ ଏବେ କେନାଲବନ୍ଧ ଉପରେ ପିଲର ନିର୍ମାଣ କରି ବସ୍‌ଷ୍ଟାଣ୍ଡ କାର୍ଯ୍ୟ ଆରମ୍ଭ କରିଛି । ସରକାରଙ୍କ ପକ୍ଷରୁ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଆବଶ୍ୟକୀୟ ଏ ୧.୧୮ ଡି. ଯୋଗାଇ ଦିଆଯାଇଥିଲେ ହେଁ ଠିକାଦାର ଜଣକ ମନମୁଖୀ ଭାବେ କେନାଲବନ୍ଧ ଉପରେ ପାଚେରି ନିର୍ମାଣ ପାଇଁ ପିଲର କାର୍ଯ୍ୟ ଆରମ୍ଭ କରିଛନ୍ତି । ଫଳରେ ଭବିଷ୍ୟତରେ କେନାଲ ସଫେଇ ଓ ଲୋକମାନଙ୍କ ଯାତାୟତରେ ଅସୁବିଧା ସୃଷ୍ଟି ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି । ତେଣୁ ଏ ଦିଗରେ ଜଳସେଚନ ଓ ରାଜସ୍ୱ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହୋଇଛି ।

## ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



ମଙ୍ଗୁଳି, ୧୮ ।୧(ସମିସ): ଟାଙ୍ଗୀ ଥାନା ୧୬ ନଂ ଜାତୀୟ ରାଜପଥ ମଙ୍ଗୁଳି ଛକ ନିକଟରେ ନିଡ଼ସ୍ ଇଣ୍ଡିଆ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ସାଗର ଧଳଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଟାଙ୍ଗୀ ଥାନାଧିକାରୀ ଶିବପ୍ରସାଦ ଭଦ୍ର କମ୍ପାନୀ ପରିସରରେ ଚାରାରୋପଣ କରିବା ସହ ଟ୍ରାଫିକ୍ ନିୟମ ମାନିବା, ସିଟ୍ ବେଲଟ୍ ଓ ହେଲମେଟ୍ ପିନ୍ଧିବା, ମଦ୍ୟପାନ କରି ଗାଡ଼ି ନ ଚଳାଇବା ଲାଗି ଚାଳକ ଏବଂ ଆରୋହୀଙ୍କୁ ସଚେତନ କରାଇଥିଲେ । ଯେଉଁ ଗାଡ଼ିଚାଳକମାନେ ଏହି ସମସ୍ତ ନିୟମ ପାଳିଥିଲେ ତାଙ୍କୁ ଗୋଲାପ ଫୁଲ ଓ ମିଠା ବଣ୍ଟନ କରାଯାଇଥିଲା । ଅପୂର୍ବବଳ ମଜୁମଦାର, ରବିନାରାୟଣ ଭଟ୍ଟ, ସପନ ପୃଷ୍ଟି, ସୁଦୀପ ଲେଙ୍କା, ପ୍ରମୋଦ ଜେନାଙ୍କ ସମେତ କମ୍ପାନୀର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

## ସାପ କାମୁଡ଼ାରେ ମହିଳା ମୃତ

ନରସିଂହପୁର, ୧୮ ।୧(ସମିସ): ନରସିଂହପୁର ବ୍ଲକ ଅଧୀନ ନିଜିଗଡ଼ ପଞ୍ଚାୟତ ବାଲିସାହି ଗ୍ରାମର ସରସ୍ୱତୀ ଘଡେଇ (୩୫)ଙ୍କ ଶନିବାର ସାପ କାମୁଡାରେ ମୃତ୍ୟୁ ହୋଇଛି । ରାତିରେ ଶୋଇଥିବା ବେଳେ ତାଙ୍କୁ ସାପ କାମୁଡିଥିବା ଜଣାପଡ଼ିଛି । ଅଚେତ ଅବସ୍ଥାରେ ନରସିଂହପୁର ଡାକ୍ତରଖାନାକୁ ଚିକିତ୍ସା ପାଇଁ ଅଣାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ନରସିଂହପୁର ଥାନା ପକ୍ଷରୁ ଏଥିନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଶବକୁ ବ୍ୟବଚ୍ଛେଦ ପାଇଁ ବଡମ୍ବା ଡାକ୍ତରଖାନାକୁ ପଠାଇ ଦିଆଯାଇଛି ।

## ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ




କଟକ, ୧୮।୧(ସମିସ): ଷ୍ଟୁଆର୍ଟ ସାଇନ୍ସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷ ଡ. ଦୀପା ନାଗଙ୍କ ଅଧ୍ୟକ୍ଷତାରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ବିଦ୍ୟାଳୟର ସମ୍ପାଦକ ସମରେନ୍ଦ୍ରେ ପ୍ରମାଣିକ ଓ ପ୍ରଶାସନିକ ମୁଖ୍ୟ ଅଧ୍ୟାପକ ଅକ୍ଷୟ କୁମାର ଦାସ ସ୍ୱେଚ୍ଛାସେବୀଙ୍କୁ ସଡ଼କ ସୁରକ୍ଷା ନିୟମ ତଥା ହେଲମେଟ୍ ପିନ୍ଧି ଗାଡ଼ି ଚାଳନା କରିବା ବିଷୟରେ ଅବଗତ କରାଇଥିଲେ । ଜାତୀୟ ସେବା ଯୋଜନାର ଅଧିକାରୀ ଅଧ୍ୟାପିକା ସୁମିତା ଦାସଙ୍କ ପରିଚାଳନାରେ ସ୍ୱେଚ୍ଛାସେବୀଗଣ ବିଦ୍ୟାଳୟ ପରିସରରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ବକ୍ସିବଜାର ଛକ, ମିଶନ ରୋଡ଼ ଓ କଟକ ଚଣ୍ଡୀ ଛକ ପର୍ଯ୍ୟନ୍ତ ଯାଇଥିଲେ । ଛକଗୁଡ଼ିକରେ ବିନା ହେଲମେଟ୍ ଗାଡ଼ି ଚଳାଉଥିବା ଚାଳକଙ୍କୁ ସଚେତନ କରାଇବା ସହ ନିଶାମୁକ୍ତ ଗାଡ଼ି ଚାଳନା ପାଇଁ ସ୍ଲୋଗାନ ଦେଇଥିଲେ । ଅଧ୍ୟାପିକା ରାଗଶ୍ରୀ ସ୍ୱାଇଁ, ଅଧ୍ୟାପିକା ଶ୍ୱେତପଦ୍ମା ବେହେରା, ଅଧ୍ୟାପକ ଗୌତମ ମଲ୍ଲିକ ଓ ଅଧ୍ୟାପକ ଜ୍ଞାନରଞ୍ଜନ କର ପ୍ରମୁଖ ଶୋଭାଯାତ୍ରାକୁ ଆଗେଇ ନେଇଥିଲେ ।

## ବରିଷ୍ଠ ବିଜେଡି ନେତା ଦେବେନ୍ଦ୍ର ଖୁଣ୍ଟିଆଙ୍କ ସ୍ମୃତିସଭା



କଟକ, ୧୮।୧(ସମିସ): କଟକ ଜିଲ୍ଲା ବିଜେଡି ଉପସଭାପତି ତଥା ବରିଷ୍ଠ ବିଜେଡି ନେତା ସ୍ୱର୍ଗତ ଦେବେନ୍ଦ୍ର ଖୁଣ୍ଟିଆଙ୍କ ବିୟୋଗରେ କଟକ ଜିଲ୍ଲା ବିଜୁ ଜନତା ଦଳ କାର୍ଯ୍ୟାଳୟ ଦୋଳମୁଣ୍ଡାଇରେ ଏକ ସ୍ମୃତିସଭା ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଶାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଅପରାହ୍ନ ୪ଟା ସମୟରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଜେଡି ନେତା ଦେବୀପ୍ରସାଦ ମିଶ୍ର ଶ୍ରୀ ଖୁଣ୍ଟିଆଙ୍କ ସ୍ମୃତିଚାରଣ କରିଥିଲେ । ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ, ମେୟର ସୁବାସ ସିଂ, ବରିଷ୍ଠ ବିଜେଡ଼ି ନେତା ବିଜୟ ନାୟକ, କଟକ ନଗର ସଭାପତି ମଧୁସୂଦନ ସାହୁ, ପ୍ରଫୁଲ୍ଲ ସିଂ, ଯୁଗଳ କିଶୋର ନାୟକ, ଶିଶିର ପରିଜା, ମହମ୍ମଦ ସକିଲ, ଜିଲ୍ଲା ଉପସଭାପତି ଡ. ରଞ୍ଜନ ବିଶ୍ୱାଳ, ପ୍ରଫୁଲ୍ଲ ବେହେରା, ସେକ୍ ରିୟାଜ, କଟକ ସଦର ସଭାପତି ପ୍ରମୋଦ ମହାପାତ୍ର, ପ୍ରକାଶ ସିଂ, ବିରେନ ବେହେରା, ଗଣେଶଚନ୍ଦ୍ର ସାହୁ, ଯୁଧିଷ୍ଠିର ବିଶ୍ୱାଳ, ତାପସ୍ ମହାନ୍ତି, ରାଜେନ୍ଦ୍ର ରଣା, ବିଭୁତି ସ୍ୱାଇଁ, ମହମ୍ମଦ ଫରିଦ୍, ପବିତ୍ର ଭୂୟାଁ, ଦେବେନ୍ଦ୍ର କାହାଳୀ, ଅବଦୁଲ କରିମ ଖାଁ, ସୁକାନ୍ତ ସାହୁ, ନନ୍ଦଲାଲ୍ ସିଂ, ପ୍ରଦୀପ ସିଂ, ନିମାଇଁ ବିଶ୍ୱାଳ, ଅମ୍ବିକା ପଣ୍ଡାଙ୍କ ସମେତ ସ୍ୱର୍ଗତ ଖୁଣ୍ଟିଆଙ୍କ ପରିବାର ସଦସ୍ୟ ଶିବ ଖୁଣ୍ଟିଆ, ସନକଦେବ ଖୁଣ୍ଟିଆ, ସୁଧା ଖୁଣ୍ଟିଆ, ଶ୍ରଦ୍ଧା ଖୁଣ୍ଟିଆ ପ୍ରମୁଖ ସ୍ୱର୍ଗତ ଖୁଣ୍ଟିଆଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଶୋକ ପ୍ରକାଶ କରିଥିଲେ ।

## ନରେନ୍ଦ୍ରପୁର ଧାନ ମଣ୍ଡି ଖୋଲିଲା



ନିଶ୍ଚିନ୍ତକୋଇଲି, ୧୮।୧(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ନରେନ୍ଦ୍ରପୁର ସେବା ସମବାୟ ସମିତି ଆନୁକୂଲ୍ୟରେ ଶନିବାର ଧାନମଣ୍ଡି ଖୋଲିଛି । ସମିତିର ସମ୍ପାଦକ ପାର୍ଥସାରଥି ଦାସଙ୍କ ସଂଯୋଜନାରେ କଣ୍ଟା ପୂଜା ହେବା ପରେ ସରପଞ୍ଚ ଲଳିତେନ୍ଦୁ ବିଶୋଇ ଏହାକୁ ଉଦଘାଟନ କରିଛନ୍ତି । କାର୍ଯ୍ୟକ୍ରମରେ ସଭାପତି ମିର୍ଜା ଅବୁଲ ବେଗ, ହିମାଂଶୁ ମହାନ୍ତି, ଆଶିଷ ମହାନ୍ତି, ବିନୋଦ ସାମଲ, ସୁଧୀର ଦାସ, ହେମନ୍ତ ମହାନ୍ତି, ଦିବାକର ସାହୁ, ଶରତଚନ୍ଦ୍ର ସ୍ୱାଇଁ, ସରପଞ୍ଚ ନମିତା ରାୟ, ସୟଦ୍ ଅବଦୁଲ ବାରି ପ୍ରମୁଖ ଯୋଗଦେଇଥିଲେ । ଆରଏମସି କର୍ମଚାରୀ ଜୟଦେବ ବିଶ୍ୱାଳ ଓ ବ୍ରଜମୋହନ ପଣ୍ଡାଙ୍କ ନେତୃତ୍ୱରେ ଏଫଏକ୍ୟୁ ମାନର ଧାନ ପରୀକ୍ଷା କରାଯାଇଥିଲା । ଚଳିତ ବର୍ଷ ନରେନ୍ଦ୍ରପୁର ଓ ଦାଉଦପୁର ପଞ୍ଚାୟତର ୫୬୫ ଜଣ ଚାଷୀ ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ନାମ ପଞ୍ଜିକୃତ କରିଛନ୍ତି । ପ୍ରଥମ ପର୍ଯ୍ୟାୟରେ ୫ ହଜାର କ୍ୱିଣ୍ଟାଲ ଧାନ କ୍ରୟ ପାଇଁ ସରକାରୀ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା ବେଳେ ପ୍ରଥମ ଦିନରେ ୧୫ ଜଣ ଚାଷୀଙ୍କ ଠାରୁ ୪୫୦କ୍ୱିଣ୍ଟାଲ ଧାନ କିଣା ଯାଇଥିବା ଜଣାଯାଇଛି ।

## ଇଣ୍ଟଲଜ-ଦି ସେଲୁନ୍‌ର ନୂତନ ଶାଖା ଉଦ୍‌ଘାଟିତ



**● ଯୋଗଦେଲେ ବଲିଉଡ୍ ଅଭିନେତା ଆଫତାବ ଶିବଦସାନୀ**

କଟକ, ୧୮।୧(ସମିସ): କଟକ ସିଡିଏ ସେକ୍ଟର - ୮ରେ ଇଣ୍ଟଲଜ - ଦି ସେଲୁନର ନୂତନ ଶାଖା ଉଦଘାଟିତ ହୋଇଯାଇଛି । ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ବଲିଉଡ୍ ଷ୍ଟାର ଆଫତାବ୍ ଶିବଦାସନୀ ଓ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋଶ ଯୋଗଦେଇ ଇଣ୍ଟଲଜର ପ୍ରତିଷ୍ଠାତା ସୁକୀର୍ତ୍ତୀ ପଟ୍ଟନାୟକଙ୍କୁ ଅଭିନନ୍ଦନ ଜଣାଇଥିଲେ । ଏହି ଅବସରରେ ରଘୁନାଥପୁରର ରୟାଲ ଆର୍କେଡ ଓ ଇନଫୋସିଟିରେ ମଧ ଇଣ୍ଟଲଜର ନୂତନ ସେଲୁନ ଉଦଘାଟିତ ହୋଇଥିଲା । ଫ୍ରାଞ୍ଚାଇଜ ମାଲିକ ବିଭା ଦେବୀ, ଅପରାଜିତା ଚକ୍ର ଓ ନେତ୍ରାନନ୍ଦ ସ୍ୱାଇଁଙ୍କୁ ସମସ୍ତ ଅତିଥିମାନେ ଧନ୍ୟବାଦ ଜଣାଇଥିଲେ । ପ୍ରତିଷ୍ଠାତା ଶ୍ରୀମତି ପଟ୍ଟନାୟକ କହିଥିଲେ ଯେ, ଇଣ୍ଟଲଜ୍ ପ୍ରଥମ ସେଲୁନ୍ ଚେନ୍ ହେବ ଯାହା ୧୦୦ ପ୍ରତିଶତ ସଲଫେଟ୍-ମୁକ୍ତ ଉତ୍ପାଦ ବ୍ୟବହାରକୁ ପ୍ରୋତ୍ସାହିତ କରୁଛି । କାର୍ଯ୍ୟକ୍ରମରେ ଏସଜେ ଡେଭଲପର୍ସର ନିର୍ଦ୍ଦେଶକ ମାତ୍ରୁଦତ୍ତ ମିଶ୍ର, ନବଯୁଗ ହୋଟେଲ୍ସର ସଞ୍ଜୟ ପ୍ରତାପ, କିଆଇଟି ଇଣ୍ଟରନ୍ୟାସନାଲ୍ ସ୍କୁଲ୍‌ର ଅଧ୍ୟକ୍ଷା ସୁଶ୍ରୀ ମୋନାଲିସା ବାଲ, ଉଦ୍ୟୋଗୀ, ପ୍ରସିଦ୍ଧ କ୍ଲାସିକ୍ ଗାୟିକା ଏବଂ ନୃତ୍ୟଶିଳ୍ପୀ ଡକ୍ଟର ପଦ୍ମିନୀ ପାଣିଗ୍ରାହୀ, କଳିଙ୍ଗ ହସ୍ପିଟାଲ ଏମଡି ସୁଶ୍ରୀ ନୀଳଞ୍ଜନା ମୁଖାର୍ଜୀ ଯୋଗଦେଇଥିଲେ ।

## ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ



ବଡମ୍ବା, ୧୮ ।୧(ସମିସ): ବଡମ୍ବା ବ୍ଲକ ଅନ୍ତର୍ଗତ କଣ୍ଟା ଗ୍ରାମର ୪ଏସ ୪ଆର କାର୍ଯ୍ୟାଳୟ ପରିସରରେ ଶନିବାର ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି । ବଡମ୍ବା ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଯୋଗଦେଇ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ । କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ରୂପେ ପୂର୍ବତନ ସରପଞ୍ଚ କାଳନ୍ଦୀ ମିଶ୍ର, ଆମ୍ବ ଅଧ୍ୟକ୍ଷ ମହେନ୍ଦ୍ର ପଢ଼ିଆରୀ, ୩୦ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁ, ଗୋପାଳପୁର ସରପଞ୍ଚ ରୁନୁ ଦାଶ, ନାଏବ ସରପଞ୍ଚ ଦଣ୍ଡଧର ଖଟୁଆ, କୃଷି ଜିଲ୍ଲା ଅଧିକାରୀ ଶିବାଶିଷ ମିଶ୍ର, ଯୋଜନା ଅଧିକାରୀ ଅସୀମା ମିଶ୍ର, କୃଷି ଅଧିକାରୀ ହରିହର ପଟ୍ଟନାୟକ, ଆଞ୍ଚଳିକ ସଂଯୋଜକ ସୁରମ ତ୍ରିପାଠୀ, ନିଗମ ନିର୍ଦ୍ଦେଶକ ଦାଶରଥି ସେନାପତି ପ୍ରମୁଖ ଯୋଗଦେଇଥିଲେ । ଆଜିର ମଣ୍ଡିରେ ପଞ୍ଜିକୃତ ହୋଇଥିବା ୫୮୫ ଜଣ ଚାଷୀଙ୍କ ମଧ୍ୟରୁ ୪୦ଜଣ ଚାଷୀଙ୍କ ଠାରୁ ୧୦୨ କ୍ୱିଣ୍ଟାଲ ମାଣ୍ଡିଆ ସଂଗୃହୀତ ହୋଇଛି । ନିର୍ଦ୍ଦେଶକ ନବଘନ ବେହେରା ଧନ୍ୟବାଦ ଦେଇଥିଲେ ।

## ଭଟ୍ଟାରିକା ନୋଡାଲ ବିଦ୍ୟାପୀଠରେ ହୀରକ ଜୟନ୍ତୀ ଉଦ୍‌ଘାଟିତ



ବଡମ୍ବା, ୧୮ ।୧(ସମିସ): ବଡମ୍ବା ବ୍ଲକ ଅନ୍ତର୍ଗତ ଶଶାଙ୍କସ୍ଥିତ ଭଟ୍ଟାରିକ ନୋଡାଲ ବିଦ୍ୟାପୀଠର ହୀରକ ଜୟନ୍ତୀ ଉତ୍ସବ ଶନିବାର ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି । ପୁରାତନ ଛାତ୍ର ସଂସଦର ସଭାପତି ଡ. ବିନୋଦ ବିହାରୀ ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏହି ବିଦ୍ୟାଳୟର ପ୍ରଥମ ପ୍ରଧାନଶିକ୍ଷକ ରଘୁନାଥ ମହାନ୍ତି ମୁଖ୍ୟଅତିଥି, ନରସିଂହପୁର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ କୁଳମଣୀ ବାରିକ ମୁଖ୍ୟବକ୍ତା, ସମାଜସେବୀ ଚିନ୍ମୟ ପଟ୍ଟନାୟକ, ପରିଚାଳନା କମିଟି ଅଧ୍ୟକ୍ଷ ସନାତନ ବେହେରା, ସମ୍ପାଦକ ପ୍ରାଣବନ୍ଧୁ ବେହେରା ସମ୍ମାନୀତ ଅତିଥି ରୂପେ ଯୋଗଦେଇଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶତାଧିକ ପୁରାତନ ଛାତ୍ର ନୌସେନା ଅଧିକାରୀ ଜିତେନ୍ଦ୍ର ପୁହାଣଙ୍କ ନେତୃତ୍ୱରେ ମା' ଭଟ୍ଟାରିକାଙ୍କ ପୀଠରୁ ଆଜ୍ଞାମାଳ ଓ ମଶାଲ ଶୋଭାଯାତ୍ରରେ ଶଶାଙ୍ଗ, ଓଗାଳପୁର, କରଡିବନ୍ଧ, ଗମେଁଇ ଆଦି ଗ୍ରାମ ପରିକ୍ରମା କରି ବିଦ୍ୟାଳୟରେ ପହଁଞ୍ଚିବା ପରେ ବିଦ୍ୟାଳୟ ପରିସରରେ ମଶାଲ ସ୍ଥାପନ ହୋଇଥିଲା । କାର୍ଯ୍ୟକ୍ରମକୁ ରମେଶଚନ୍ଦ୍ର ରଣା, ଶ୍ରୀଧର ରଥ, ମାନଗୋବିନ୍ଦ ଦଳେଇ, ବୈକୁଣ୍ଠନାଥ ବାରିକ, ଅନ୍ତର୍ଯାମୀ ପୁହାଣ, ଗୋଲଖ ବାରିକ, ଅକ୍ରୁର ବେହେରା, ହୃଷୀକେଶ ରାଉତ, ରମେଶଚନ୍ଦ୍ର ନାୟକ, ଦେବାରାଜ ବେହେରା ଓ ନାରାୟଣ ଗୁରୁ ପରିଚାଳନା କରିଥିଲେ ।

## ଓପୋଲଫେଡ୍ ପକ୍ଷରୁ ବ୍ୟବସାୟିକ ଅଭିବୃଦ୍ଧି କର୍ମଶାଳା

କଟକ, ୧୮।୧(ସମିସ): ଓଡ଼ିଶା ରାଜ୍ୟ କୁକ୍କୁଟ ଉତ୍ପାଦନ ବିପଣନ ସମବାୟ ମହାସଂଘ (ଓପୋଲଫେଡ଼), କଟକ ଶାଖା ପକ୍ଷରୁ ଏକ 'ବ୍ୟବସାୟିକ ଅଭିବୃଦ୍ଧି କର୍ମଶାଳା' ଓଏଏସଏମଇ କନଫରେନ୍ସ ହଲରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଓପୋଲଫେଡ ସଭାପତି ଭୋଳେଶ୍ୱର ସ୍ୱାଇଁ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ପରିଚାଳନା ନିର୍ଦ୍ଦେଶକ ଡା. ଗିରିଧାରୀ ଭୋଇ ଓ ସାଧାରଣ ପରିଚାଳକ ଡା. ଭକ୍ତହରି ମଲ୍ଲିକ ଏବଂ ବିପଣନ ଅଧିକାରୀ ତଥା ଶାଖା ପରିଚାଳକ ତାରିଣୀ କୁମାର ସାହୁ ଯୋଗଦେଇଥିଲେ । ଏହି କର୍ମଶାଳାରେ କଟକ ସହରର ୩୭ ଜଣ ଅଧିକୃତ ଓପୋଲଫେଡ଼ ବୁଥ ଏଜେଣ୍ଟ ମାନେ ଯୋଗଦେଇଥିଲେ । ବିପଣନ ଅଧିକାରୀ ତଥା ଶାଖା ପରିଚାଳକ ତାରିଣୀ କୁମାର ସାହୁ ପ୍ରଶିକ୍ଷଣ ଦେଇଥିଲେ । ଆଗାମୀ ଦିନରେ କଟକ ମହାନଗର ଅଞ୍ଚଳରେ ୧୦୦ଟି ଓପୋଲଫେଡ଼ ଆଦର୍ଶ ବିକ୍ରୟ କେନ୍ଦ୍ର ଓ ୧୦ଟି ଚିକେନ ଫ୍ରେସ ଖୋଲିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଛି । ଉକ୍ତ କର୍ମଶାଳାରେ ଓପୋଲଫେଡର ବରିଷ୍ଠ ଅଧିକାରୀ ପ୍ରଦୀପ କୁମାର ମହାପାତ୍ର, ଓପୋଲଫେଡ଼ର ବୁଥ ଏଜେଣ୍ଟ ଲଳିତମୋହନ ଶତପଥୀ, ଅଜୟ ମହାପାତ୍ର, ତ୍ରିଲୋଚନ ସାହୁ, ଏମଡି କମରାନ ଆଲାମ, କୀର୍ତ୍ତିଚନ୍ଦ୍ର ସାମଲ ପ୍ରମୁଖ ଯୋଗଦାନ କରିଥିଲେ ।



# ବିଦ୍ୟୁତ୍ ଉପଭୋକ୍ତାଙ୍କ ସମସ୍ୟା ସମାଧାନ ପାଇଁ ଦାବି

କନ୍ଦରପୁର, ୧୮।୧(ସମିସ)

କଟକ ସଦର ଅନ୍ତର୍ଗତ ୪୨ମୌଜାର ବିଦ୍ୟୁତ୍ ଉପଭୋକ୍ତାଙ୍କ ଶୋଷଣ ନୀତି ବିରୋଧରେ ଶନିବାର ବେଣ୍ଟକାର ବିଦ୍ୟୁତ ଅଫିସ ସମ୍ମୁଖରେ ଏକ ପ୍ରତିବାଦ ସଭା ଓ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ୟୁନିଅନ ଫର୍ କଟକ ସଦର ଡେଭଲପମେଣ୍ଟର ସଭାପତି ମନୋଜ ନାୟକଙ୍କ ନେତୃତ୍ୱରେ ଆୟୋଜିତ ପ୍ରତିବାଦ ସଭାରେ ୪୨ମୌଜାର ବିଭିନ୍ନ ବିଦ୍ୟୁତ ସମସ୍ୟା ଯଥା ଯେଉଁ ମିଟର ଘରଗୁଡ଼ିକରେ ଲଗାଯାଇଛି ସେଗୁଡିକ ସଠିକ କାର୍ଯ୍ୟ କରୁଥିଲେ ମଧ ତାହାକୁ ତ୍ରୁଟିପୂର୍ଣ୍ଣ ଦର୍ଶାଇ ସ୍ମାର୍ଟ ମିଟର ଲଗାଇବାକୁ ବାଧ କରାଯାଉଛି । ବିଲରେ ତ୍ରୁଟି ରହିଥିଲେ ମଧ ତାହାକୁ ସଂଶୋଧନ କରାଯାଉ ନାହିଁ ବରଂ ଜୋର୍‌ଜବରଦସ୍ତ ଲାଇନ କାଟି ଜୁଲୁମ୍ କରି ବିଲ ଆଦାୟ କରାଯାଉଛି । ଚେକିଙ୍ଗ କରିବା ଆଳରେ



ଉପଭୋକ୍ତାଙ୍କ ଘର ଭିତରେ ପଶି ଭିଡିଓ ସୁଟିଂକୁ ବନ୍ଦ କରାଯାଉ, ବିଦ୍ୟୁତ କର୍ମଚାରୀ କେବଳ ମିଟର ବସିଥିବା ସ୍ଥାନ ପର୍ଯ୍ୟନ୍ତ ଯିବା ପାଇଁ ସୀମିତ ରଖାଯାଉ, ତ୍ରୁଟିପୂର୍ଣ୍ଣ ବିଲ ଆଧାରରେ ଟଙ୍କା ଆଦାୟ ବନ୍ଦ କରିବା ସହ ଯେଉଁ ଗ୍ରାହକଙ୍କର ବିଦ୍ୟୁତ୍ ବିଲ ଉପରେ ଆପତ୍ତି ଅଛି ତାହାକୁ ତୁରନ୍ତ ସମାଧାନ କରାଯାଉ, ଫୋନ କଲରେ ପରିଚାଳିତ ଫ୍ୟୁଜ କଲ୍ ବ୍ୟବସ୍ଥାରେ ପରିବର୍ତ୍ତନ କରାଯାଉ, ପୂର୍ବଭଳି ଲୋକାଲ ଅଫିସ କଂପ୍ଲେନ୍‌ରେ ଉପଭୋକ୍ତାଙ୍କ ସମସ୍ୟାର ସମାଧାନ କରାଯାଉ ଆଦି ଦାବି ସଂକ୍ରାନ୍ତ ସମସ୍ୟାଗୁଡ଼ିକର ଆସନ୍ତା ୭ଦିନ ମଧ୍ୟରେ ସମାଧାନ କରିବାକୁ ଅଞ୍ଚଳର ବିଭୂତି ଭୂଷଣ ପରିଡ଼ା, ଶରତ ରାୟ, ସୋମନାଥ ବେହେରା, ରାମଚନ୍ଦ୍ର ଗୋଛାୟତ, ରାକେଶ ମହାନ୍ତି, ସ୍ମୃତି ରଞ୍ଜନ ମଲ୍ଲିକ, ବିନୋଦ ବିହାରୀ ବେହେରା, ଅରୁଣ ପଣ୍ଡା, ବୀରବର ଲେଙ୍କା, ପ୍ରଦ୍ୟୁମ୍ନ ମହାନ୍ତିଙ୍କ ସମେତ ଶତାଧିକ ଉପଭୋକ୍ତା ଦାବିପତ୍ର ପ୍ରଦାନ କରିଛନ୍ତି । ଟାଟା କମ୍ପାନୀର ସହକାରୀ ସାଧାରଣ ପରିଚାଳକ ୪୨ମୌଜାଙ୍କ ଜରିଆରେ ଟାଟା କମ୍ପାନୀର ସାଧାରଣ ପରିଚାଳକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଏହାର ସମାଧାନ ନ କରାଗଲେ ଆଗାମୀ ଦିନରେ ଏହି ପ୍ରତିବାଦ ଆହୁରି ତିବ୍ରତର ହେବ ବୋଲି ଉପଭୋକ୍ତାମାନେ କହିଛନ୍ତି ।


**एनटीपीसी NTPC | ଏନ ଟି ପି ସି ଲିମିଟେଡ**
(ଭାରତ ସରକାରଙ୍କ ଉଦ୍ୟମ)

**ନୋଟିସ୍**
ପଞ୍ଜିକୃତ କାର୍ଯ୍ୟାଳୟ ଠିକଣା: ଏନଟିପିସି ଭବନ, କୋର-୭, ସ୍କୋପ କମ୍ପ୍ଲେକ୍ସ, ୭-ଇନ୍‌ଷ୍ଟିଚ୍ୟୁସନାଲ ଏରିଆ, ଲୋଧି ରୋଡ, ନୂଆ ଦିଲ୍ଲୀ - ୧୧୦୦୦୩
କରପୋରେଟ୍ ପରିଚୟ ନଂ- L40101DL1975GOI007966

ଉପରୋକ୍ତ ନାମିତ ଆବେଦନକାରୀ ତା.୦୧.୦୪.୨୦୨୪ରିଖରୁ ୩୧.୦୩.୨୦୨୯ ପର୍ଯ୍ୟନ୍ତ ଫରକ୍କା ସୁପର ଥର୍ମାଲ ପାୱାର ଷ୍ଟେସନ, ଷ୍ଟେଜ- ୩ (୫୦୦ ମେଗାୱାଟ)ର ଟାରିଫ ନିର୍ଦ୍ଧାରଣ ପାଇଁ କେନ୍ଦ୍ରୀୟ ବିଦ୍ୟୁତ ବିନିୟାମକ ଆୟୋଗ (ସିଇଆରସି), ନୂଆ ଦିଲ୍ଲୀଙ୍କ ସମ୍ମୁଖରେ ଆବେଦନ କରିଅଛନ୍ତି ।

୧. ଉତ୍ପାଦକ ଷ୍ଟେସନର ଲାଭାର୍ଥୀ:
କ) ପଶ୍ଚିମବଙ୍ଗ ବିଦ୍ୟୁତ ବିତରଣ କମ୍ପାନୀ ଲିମିଟେଡ୍, ବିଦ୍ୟୁତ ଭବନ, ବ୍ଲକ-ଡିଜେ, ସେକ୍ଟର-II, ସଲ୍ଟ ଲେକ୍ ସିଟି, କୋଲକାତା - ୭୦୦୦୯୧
ଖ) ବିହାର ରାଜ୍ୟ ବିଦ୍ୟୁତ ଧାରଣ କମ୍ପାନୀ ଲିମିଟେଡ୍ (ପୂର୍ବରୁ ବିହାର ରାଜ୍ୟ ବିଦ୍ୟୁତ ବୋର୍ଡ), ବିଦ୍ୟୁତ ଭବନ, ବେଲୀ ରୋଡ୍, ପଟନା - ୮୦୦୦୦୧
ଗ) ଝାଡ଼ଖଣ୍ଡ ବିଦ୍ୟୁତ ବିତରଣ ନିଗମ୍ ଲିମିଟେଡ୍, ଇଞ୍ଜିନିୟରିଂ ଭବନ, HEC ଟାଉନସିପ୍, ଧୁର୍ୱା, ରାଞ୍ଚି - ୮୩୪୦୦୪
ଘ) ଗ୍ରିଡ୍ କର୍ପୋରେସନ୍ ଅଫ୍ ଓଡ଼ିଶା ଲିମିଟେଡ୍, ୨୪, ଜନପଥ, ଭୁବନେଶ୍ୱର - ୭୫୧୦୦୭
ଙ) ଗୁଜରାଟ ଉର୍ଜା ବିକାଶ ନିଗମ୍ ଲିମିଟେଡ୍, ସରଦାର ପଟେଲ୍ ବିଦ୍ୟୁତ ଭବନ, ରେସ୍କୋର୍ସ, ବଡୋଦା, ଗୁଜରାଟ - ୩୯୦୦୦୭
୨. ଉତ୍ପାଦନ କେନ୍ଦ୍ରର କ୍ଷମତା: 500 ମେଗାୱାଟ୍
୩. ପ୍ରକଳ୍ପର ଅନୁମୋଦିତ ମୂଳଧନ ଖର୍ଚ୍ଚ: ₹2761.87 କୋଟି
୪. ମୂଳଧନ ଖର୍ଚ୍ଚ ଅନୁମୋଦନ କରିଥିବା କର୍ତ୍ତୃପକ୍ଷ: CERC
୫. ବାଣିଜ୍ୟିକ ସଞ୍ଚାଳନର ନିର୍ଦ୍ଧାରିତ ତାରିଖ: ଅପ୍ରସଙ୍ଗିକ
୬. କେନ୍ଦ୍ରର ବାଣିଜ୍ୟିକ ସଞ୍ଚାଳନର ପ୍ରକୃତ ତାରିଖ: 04.04.2012
୭. ବାଣିଜ୍ୟିକ ସଞ୍ଚାଳନର ତାରିଖରେ ମୂଳଧନ ଖର୍ଚ୍ଚ: ଅପ୍ରସଙ୍ଗିକ
୮. ଶୁଳ୍କ ବିବରଣୀ:

| ବିବରଣୀ | ପୂର୍ବ ବର୍ଷ ପାଇଁ ଟାରିଫ | ବର୍ଷ ଅନୁଯାୟୀ ଟାରିଫ ନିର୍ଦ୍ଧାରଣ କରାଯାଇଅଛି | | | | |
|---|---|---|---|---|---|---|
| | | 2024-25 | 2025-26 | 2026-27 | 2027-28 | 2028-29 |
| ୧. କ୍ଷମତା ପ୍ରଭାର (ଟ.ଲକ୍ଷ/ବର୍ଷ) | 67576.10 | 65325.71 | 57867.27 | 58624.96 | 57481.37 | 58535.61 |
| ୨. ଉର୍ଜା ପ୍ରଭାର (ଟ./ପ୍ରତି ୟୁନିଟ୍) | 3.987 | 3.234 | | | | |

ମାନନୀୟ ସିଇଆରସିଙ୍କ ସମ୍ମୁଖରେ ଦାଖଲ ଫରକ୍କା ସୁପର ଥର୍ମାଲ ପାୱାର ଷ୍ଟେସନ, ଷ୍ଟେଜ- ୨ (୧*୫୦୦ ମେଗାୱାଟ୍) ପାଇଁ ୨୦୧୯-୨୪ ଅବଧି ହେତୁ ଟାରିଫର ଟ୍ରୁ-ଅପ ନିମନ୍ତେ ଦାୟର ଯାଚିକା ଅନୁଯାୟୀ ।
୯. ଟାରିଫର ନିର୍ଦ୍ଧାରଣ ହେତୁ ଦାଖଲ ଆବେଦନର ଏକ କପି ଏନଟିପିସିର ୱେବସାଇଟ www.ntpc.co.in ରେ ଟ୍ୟାବ 'ନୋଟିସ୍'ର ଅନ୍ତର୍ଗତ ପ୍ରକାଶିତ ହୋଇଅଛି ।
୧୦. ପିଟିସନର ଅନ୍ତର୍ଗତ ଟାରିଫ ନିର୍ଦ୍ଧାରଣ ହେତୁ ପ୍ରସ୍ତାବରେ ଲାଭାର୍ଥୀ ସହିତ କୌଣସି ବ୍ୟକ୍ତି ଦ୍ୱାରା ପ୍ରସ୍ତାବ କିମ୍ବା ଅଭିଯୋଗ, ଯଦି ଥାଏ ତେବେ ସେହି ନୋଟିସ୍ ପ୍ରକାଶନର ୩୦ ଦିନ ଭିତରେ ଯାଚିକାକର୍ତ୍ତାଙ୍କୁ ଏହାର ଏକ ନକଲ ସହିତ ଆୟୋଗର ଇ-ଫାଇଲିଙ୍ଗ ପୋର୍ଟାଲ ମାଧ୍ୟମରେ ପ୍ରସ୍ତୁତ କରାଯାଇପାରିବ ।
ସ୍ଥାନ: ନୋଏଡା (ଉ.ପ୍ର.) (ପ୍ରଶାନ୍ତ ଚତୁର୍ବେଦୀ)
ତାରିଖ: ୦୩.୧୨.୨୦୨୪ ଅତିରିକ୍ତ ମହାପ୍ରବନ୍ଧକ (ବାଣିଜ୍ୟିକ)

ବିଦ୍ୟୁତ କ୍ଷେତ୍ରରେ ଅଗ୍ରଣୀ

## କଟକ ସିଟି





# ଚିନ୍ତା ବଢ଼ାଇଲେଣି ବଞ୍ଜାରା

କଟକ,୧୮ ।୧(ସମିସ): ସହର ଛାଡୁ ନାହାନ୍ତି ବଞ୍ଜାରା। ରାଜ୍ୟ ବାହାରୁ ଏମାନେ ଦୀର୍ଘ ୮ମାସରୁ ଅଧିକ ହେବ ଆସି ଡେରା ପକାଇଥିବା ବେଳେ ଆଉ ନିଜ ଘରକୁ ଫେରୁ ନାହାନ୍ତି। ଯେଉଁଥିପାଇଁ କମିଶନରେଟ୍ ପୁଲିସ ନାକେଦମ ହେଲାଣି। ଗତ ୮ମାସ ଭିତରେ ୧୦୦ରୁ ଅଧିକ ବଞ୍ଜାରାଙ୍କୁ ପୁଲିସ ଧରିଥିବା ବେଳେ ତନ୍ମଧ୍ୟରୁ ୩୫ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତେବେ ସିଡିଏ, ଷ୍ଟାଡିୟମ, ରେଳ ଷ୍ଟେସନ୍ ନିକଟସ୍ଥ ଅଞ୍ଚଳ, ନରାଜ ଓ ଜଗତପୁରରେ ଏମାନେ ରହୁଛନ୍ତି। ବିଭିନ୍ନ ଉପାୟରେ ଗୁଜୁରାଣ ମେଣ୍ଟାଉଥିବା ବେଳେ ଏକାଧିକ ଚୋରି ଓ ଛିନ୍‌ତାଇରେ ବଞ୍ଜାରା ଗ୍ରୁପ୍‌ର ମହିଳା ଓ ନାବାଳକଙ୍କ ସମ୍ପୃକ୍ତି ରହୁଥିବା ପୁଲିସ କହିଛି। ଏଣୁ ଏମାନଙ୍କୁ ବହୁବାର ପୁଲିସ ପକ୍ଷରୁ ସଚେତନ କରାଯାଇଥିଲେ ମଧ୍ୟ ଲାଭ ହେଉନାହିଁ। ଶେଷରେ ପୁଲିସ ମାଇକ୍‌ରେ ପ୍ରଚାର କରିବା ସହିତ ସହରରୁ ତଡ଼ିବାକୁ ଚେଷ୍ଟା କରିଛି। ତେବେ ପ୍ରଥମ ପର୍ଯ୍ୟାୟରେ ବାରବାଟୀ ଷ୍ଟାଡିୟମ ଅଞ୍ଚଳରୁ ସମସ୍ତ ବଞ୍ଜାରାଙ୍କୁ ହଟାଇବାକୁ ନିଷ୍ପତ୍ତି ନିଆଯାଇଛି। ଅନ୍ତର୍ଜାତୀୟ କ୍ରିକେଟ୍ ମ୍ୟାଚ୍ ଆସନ୍ତା ମାସରେ ଅନୁଷ୍ଠିତ ହେବାକୁ ଥିବା ବେଳେ କ୍ୟାଣ୍ଟନ୍‌ମେଣ୍ଟ ଥାନା ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ସହର ମଧ୍ୟରୁ ଅପରାଧରେ ସମ୍ପୃକ୍ତ ଥିବା ସମସ୍ତ ବଞ୍ଜାରାଙ୍କୁ ହଟାଯିବ ବୋଲି ଏଡିସିପି ଦେବଦତ୍ତ କର ସୂଚନା ଦେଇଛନ୍ତି।

ପାର୍ବଣ ସମୟରେ ଆସିଥିବା ବଞ୍ଜାରାମାନେ ସହରରେ ଛୋଟ ଛୋଟ ବ୍ୟବସାୟ ଓ ଭିକ୍ଷାବୃତ୍ତି କରୁଛନ୍ତି। ତେବେ ସେମାନଙ୍କ ମଧ୍ୟରୁ ବହୁ ବଞ୍ଜାରା ବିଭିନ୍ନ ଅପରାଧମୂଳକ କାର୍ଯ୍ୟରେ ଲିପ୍ତ ରହୁଥିଲେ। ପୁଲିସ ହାତରେ ଗତ ଡିସେମ୍ବର ମାସରେ ୧୦୦ରୁ ଅଧିକ ବଞ୍ଜାରା ଧରାପଡ଼ି ଅଟକ ରହିଥିଲେ। ଏହି ବଞ୍ଜାରାଙ୍କ ଯୋଗୁଁ ଦିନକୁ ଦିନ ଅପରାଧପ୍ରବଣ ହେଉଛି କଟକ ସହର। ବଞ୍ଜାରାଙ୍କ ଲୁଟ୍, ଛିନତାଇ, ଚୋରି ଭଳି କାର୍ଯ୍ୟକଳାପକୁ ରୋକିବାରେ କମିଶନରେଟ୍ ପୁଲିସ ବିଫଳ ହେଉଛି। ତେବେ ଏଭଳି ସ୍ଥିତିରେ କ୍ୟାଣ୍ଟନମେଣ୍ଟ ଥାନା, ପୁରୀଘାଟ ଥାନା, ମାଲଗୋଦାମ ଥାନା, ମଙ୍ଗଳାବାଗ ଥାନା ସମେତ ସହରର ସମସ୍ତ ଥାନାଗୁଡ଼ିକୁ ବଞ୍ଜାରାଙ୍କ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଡିସିପି ଜଗମୋହନ ମୀନା ଥାନାଧିକାରୀଙ୍କୁ କହିଛନ୍ତି। ଏ ବାବଦରେ ଏଡିସିପି ଶ୍ରୀ କରଙ୍କୁ ପଚାରିବାରୁ ସେ କହିଛନ୍ତି, ସବୁ ବଞ୍ଜାରା ଅପରାଧୀ ନୁହନ୍ତି। ପେଟପାଟଣା ପାଇଁ ସେମାନେ କଟକ ସହରକୁ ଆସିଛନ୍ତି। ସେମାନଙ୍କ ମଧ୍ୟରୁ ଯେଉଁମାନେ ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ ଅଛନ୍ତି, ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଅପରାଧରେ ସମ୍ପୃକ୍ତ ରହିଲେ, କଟକ ସହରରୁ ସେମାନଙ୍କୁ ତଡ଼ା ଯିବ ବୋଲି ସେ ସୂଚନା ଦେଇଛନ୍ତି।

**ପଶ୍ଚିମବଙ୍ଗ, ବିହାର ଓ ଝାଡ଼ଖଣ୍ଡରୁ ରାକେଟ୍ ସକ୍ରିୟ**

**ସହରରେ ୫ ହଜାରରୁ ଅଧିକ ବଞ୍ଜାରା**

**ବାରବାଟୀ ଅଞ୍ଚଳରୁ ତଡ଼ିବାକୁ ପୁଲିସର ନିଷ୍ପତ୍ତି**

**୮ ମାସରେ ଧରାପଡ଼ିଛନ୍ତି ଶତାଧିକ ନାବାଳକ**

**ପୁଲିସର ମୁଣ୍ଡବ୍ୟଥା ସାଜିଛି ଚୋରି ଓ ଛିନ୍‌ତାଇ**

ପ୍ରକାଶ ଥାଉ କି, ଏବେ ସହରରେ ସକ୍ରିୟ ଅଛନ୍ତି, ପଶ୍ଚିମବଙ୍ଗ, ବିହାର ଓ ଝାଡ଼ଖଣ୍ଡର ର୍‌ୟାକେଟ୍। ବଞ୍ଜାରାମାନେ ଚୋରି କରି ସହଜରେ ଖସିଯିବାକୁ ନାବାଳକଙ୍କୁ ବ୍ୟବହାର କରୁଛନ୍ତି। ଏପରିକି ନିଜ ପିଲାଙ୍କୁ ଚୋରି କରିବାକୁ ଛାଡ଼ି ଦେଉଛନ୍ତି। ନାବାଳକମାନଙ୍କ ପାଇଁ ଆଇନ୍ ବ୍ୟବସ୍ଥା କୋହଳ। ଏଣୁ ଛୋଟ ପିଲାଙ୍କୁ ଚୋରି ଓ ଲୁଟ୍ କାର୍ଯ୍ୟରେ ଲଗାଇବା ଏହି ର୍‌ୟାକେଟର ମୁଖ୍ୟ ଯୋଜନା ପାଲଟିଥିବା ଜଣାପଡ଼ିଛି। କଟକ ବଡ଼ ମେଡ଼ିକାଲ ଓ ଷ୍ଟେସନ ଅଞ୍ଚଳକୁ ମୁଖ୍ୟ ଟାର୍ଗେଟ କରୁଥିବା ଦେଖିବାକୁ ମିଳୁଛି। ବଞ୍ଜାରା ଗ୍ରୁପ୍ ଆସି ସହରରେ ଲୁଟପାଟ୍ କରୁଥିବା ବେଳେ ନାମକୁ ମାତ୍ର ଫୁଲ, ଖେଳଣା, ଚାବି ରିଂ, ଶଙ୍ଖ କପ୍-ପ୍ଲେଟ୍ ବିକ୍ରୟ କରୁଛନ୍ତି। ପୁଲିସ ବଞ୍ଜାରା ଗ୍ରୁପ୍ ଉପରେ ତୀକ୍ଷ୍ଣ ନଜର ରଖିଥିବା ବେଳେ ଯେଉଁ ସ୍ଥାନରେ ଏମାନେ ଅପରାଧମୂଳକ କାର୍ଯ୍ୟ ଘଟାଉଛନ୍ତି, ତୁରନ୍ତ ସ୍ଥାନୀୟ ଥାନାକୁ ସୂଚନା ଦେବାକୁ ଜନସାଧାରଣଙ୍କୁ ପୁଲିସ ପକ୍ଷରୁ ନିବେଦନ କରାଯାଇଛି।




## ମାଞ୍ଜା ସୂତା ଲାଗି ପୁଣି ମହିଳା ଗୁରୁତର

● ଦରଘାବଜାର ଥାନାରେ ଏତଲା

କଟକ,୧୮ ।୧(ସମିସ): ମାଞ୍ଜା ସୂତା ଲାଗି ପୁଣି ଜଣେ ମହିଳା ଆହତ ହୋଇଛନ୍ତି। ତାଙ୍କ ବେକ କଟିଯାଇଛି। ଘଟଣା ସମ୍ପର୍କରେ ମହିଳା ଜଣକ ଦରଘାବଜାର ଥାନାରେ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗକ୍ରମେ ଥାନାରେ ଏକ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ରାକେଶ କୁମାର ବେହେରା ସୂଚନା ଦେଇଛନ୍ତି। ପୁଲିସ ସୂଚନା ଅନୁସାରେ, ୪୨ ମୌଜା ଅଞ୍ଚଳର ବିକ୍ରାନ୍ତ ମହାନ୍ତି ନାମ୍ନୀ ଜଣେ ମହିଳା ଗତ ୧୪ ତାରିଖ ଅପରାହ୍ନ ୩ଟା ବେଳେ କୌଣସି ଏକ କାମରେ ବକ୍ସିବଜାର ଆସିଥିଲେ। ସେ କାମ ସାରି ଗାଡିରେ ଫେରୁଥିବା ବେଳେ ଜେଲରୋଡ ରାସ୍ତାରେ ହଠାତ ମାଞ୍ଜା ସୂତା ତାଙ୍କ ବେକରେ ଗୁଡେଇ ହୋଇଯାଇଥିଲା। ଏଥିଯୋଗୁଁ ସେ ଗାଡିରୁ ପଡି ଆହତ ହେବା ସହ ମାଞ୍ଜା ସୂତାରେ ତାଙ୍କ ବେକ କଟିଯାଇଥିଲା। ଘଟଣାସ୍ଥଳରୁ ତାଙ୍କୁ ତୁରନ୍ତ ମେଡିକାଲ ନିଆଯାଇଥିଲା। ସୁସ୍ଥ ହେବା ପରେ ଆଜି ସେ ଘଟଣା ସଂକ୍ରାନ୍ତରେ ଦରଘାବଜାର ଥାନାରେ ଏତଲା ଦେଇଛନ୍ତି। ନିଷିଦ୍ଧ ମାଞ୍ଜା ସୂତା ବ୍ୟବହାର ଯୋଗୁଁ ଏଭଳି ଅଘଟଣ ଘଟିଛି। ଦୋଷୀଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଏତଲାରେ ଦର୍ଶାଇଛନ୍ତି। ଅନ୍ୟପକ୍ଷେ, ପୁଲିସ ମାଞ୍ଜା ସୂତା ଧରପଗଡକୁ ମଧ୍ୟ ଜାରି ରଖିଛି। ଏହା ଭିତରେ ଗତ ୪ ଦିନରେ ପୁଲିସ ହାତୀପୋଖରୀ, ପଟ୍ଟାପୋଲ ଅଞ୍ଚଳରୁ ୧୦ ବଣ୍ଡଲରୁ ଉଦ୍ଧର୍ ମାଞ୍ଜା ସୂତା ଓ ଗୁଡି ଜବତ କରିଛି। ଏହି ଘଟଣାରେ ପୁଲିସ ଜଣଙ୍କୁ ଗିରଫ କରିଥିବା କହିଛି।

## ଅଳ୍ପକେ ବର୍ତ୍ତିଲେ ହାଇୱା ଗାଡ଼ି ଚାଳକ

ତ୍ରିଶୂଳିଆ,୧୮ ।୧(ସମିସ): ଚୋରା ମୋରମ ନେଇ ଦ୍ରୁତଗତିରେ ଆସୁଥିବା ହାଇୱାଟି ପୁରୀ କେନାଲ ବନ୍ଧରେ ଥିବା ରେଳ ସୁରକ୍ଷାବାଡ଼କୁ ଧକ୍କା ଦେବା ପରେ ରେଳ ଧାରଣା ଆଡ଼କୁ ଉଠି ଯାଇଥିଲା। ସୌଭାଗ୍ୟବଶତଃ ଚାଳକ ବଞ୍ଚି ଯାଇଥିବାବେଳେ ହାଇୱାଟି ଦୁଇ ଖଣ୍ଡ ହୋଇଯାଇଛି। ପ୍ରକାଶ ଯେ ଶନିବାର ବିଳମ୍ବିତ ରାତିରେ ଓଡି ୦୪ ଏ ୫୮୨୨ ନମ୍ବର ହାଇୱାଟି ଚୋରାରେ ମୋରମ ନେଇ ଗୋଡିସାହି ପଟରୁ ବାରଙ୍ଗ ଅଭିମୁଖେ ପୁରୀ ମୁଖ୍ୟ କେନାଲ ବନ୍ଧ ଦେଇ ଦ୍ରୁତଗତିରେ ଆସୁଥିଲା। ଷଣ୍ଢପୁର ଗାଁ ମୁଣ୍ଡ ପୁରୀ ମୁଖ୍ୟ କେନାଲ ବନ୍ଧରେ ଥିବା ରେଳ ସୁରକ୍ଷାବାଡ଼ ସହ ପ୍ରଥମେ ଧକ୍କା ଦେଇଥିଲା ପରେ ରେଳ ଲାଇନ ବନ୍ଧକୁ ଭାରସାମ୍ୟ ହରାଇ ଧକ୍କା ଦେଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ହାଇୱାର ସାମ୍ନା ଓ ପଛ ସମ୍ପୂର୍ଣ୍ଣ ଅଲଗା ହୋଇ ଦୁଇଭାଗ ହୋଇଯାଇଛି। ହାଇୱା ଚାଳକ ସାମାନ୍ୟ ଆହତ ହୋଇ ଅଳ୍ପକେ ବର୍ତ୍ତି ଯାଇଥିବାର ଜଣାପଡିଛି। ଦୁର୍ଘଟଣା ପରେ ଗାଡ଼ିଟି ରାସ୍ତା ମଝିରେ ପଡିଥିବାରୁ ସାଧାରଣ ଲୋକଙ୍କ ଯାତାୟତରେ ବାଧା ସୃଷ୍ଟି ହୋଇଥିଲା। ଖବର ପାଇ ଗୋଡିସାହି ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ରାସ୍ତାରୁ ଗାଡ଼ିକୁ ହଟାଇ ଜବତ କରିବା ପରେ ଯାତାୟତ ସ୍ୱାଭାବିକ ହୋଇଛି।



## ଅଭିଯୋଗ ଶୁଣିଲେ ବିଧାୟିକା



କଟକ,୧୮ ।୧(ସମିସ): ପୂର୍ବାହ୍ନରେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିରଦୋଷ ୬ନମ୍ବର ୱାର୍ଡ ଅଞ୍ଚଳରେ ଏକ ଜନଅଭିଯୋଗ ଶୁଣାଣି କରିଥିଲେ। ଶୁଣାଣି ବୈଠକରେ ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ସଂପର୍କରେ ଅବଗତ ହେବା ସହିତ ତାର ତୁରନ୍ତ ସୁଧାର ଦିଗରେ ଆବଶ୍ୟକ ପଦକ୍ଷେପ ପାଇଁ ଉପସ୍ଥିତ ସିଏମସି ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଖାଲଖମା, ରାସ୍ତାଘାଟର ମରାମତି, ପରିମଳ, ସ୍ୱରେଜ୍, ରାସ୍ତା ଆଲୁଅ, ବରିଷ୍ଠ ନାଗରିକଙ୍କୁ ଭତ୍ତା ପ୍ରଦାନ ଆଦି ସଂପର୍କରେ ଆଲୋଚନା କରିବା ସହ ୱାର୍ଡର ବିଭିନ୍ନ ଅଞ୍ଚଳ ବୁଲି ଦେଖିଥିଲେ। ଉପସ୍ଥିତ ଅଧିକାରୀଙ୍କୁ ସମସ୍ୟାଗୁଡ଼ିକୁ ତୁରନ୍ତ ଦୃଷ୍ଟି ଦେଇ ସମାଧାନ କରିବା ପାଇଁ ବିଧାୟିକା ନିର୍ଦ୍ଦେଶ ଦେଇଥିଲେ। କଟକ ନଗର କଂଗ୍ରେସ ପୂର୍ବତନ ସଭାପତି ଗିରିବାଳା ବେହେରା, ଶୈଳବାଳା ଜେନା, ରାଜେନ୍ଦ୍ର ପ୍ରସାଦ ଦାସ, ମାନସ ପଟ୍ଟନାୟକ, ଗିରିଜା ପଟ୍ଟନାୟକ, ଯତୀନ୍ଦ୍ର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## କୋଇଲା ଗାଡ଼ି ଜବତ; ୨ ଗିରଫ

କଣ୍ଟାପଡ଼ା,୧୮ ।୧(ସମିସ): ଗୋବିନ୍ଦପୁର ଥାନା ଏସ୍‌ଆଇ ସୋନିଲା ଆନନ୍ଦ ଗତକାଲି ବିଳମ୍ବିତ ରାତିରେ ଡିମିରି ପାଣ୍ଡି ଅଞ୍ଚଳରେ ପାଟ୍ରୋଲିଂ କରୁଥିବାବେଳେ ଭୋଗେଶ୍ୱରଠାରେ କୋଇଲା ବୋଝେଇ ଏକ ୪୦୭ ମିନିଟ୍ରକକୁ ଅଟକାଇ କାଗଜପତ୍ର ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ପରିବହନ ହେଉଥିବା କୋଇଲାର କୌଣସି କାଗଜପତ୍ର ଡ୍ରାଇଭର ଦେଖାଇ ପାରି ନ ଥିଲେ। ଅଧିକ ତଦନ୍ତ ପାଇଁ ଗାଡିକୁ ଜବତ କରି ଥାନାକୁ ଆଣି ଖୁଣ୍ଟୁଣୀ ଅଞ୍ଚଳର ଡ୍ରାଇଭର ଲକ୍ଷ୍ମୀଧର ବେହେରାକୁ ପଚରାଉଚରା ପରେ ଗାଡିଟି ଢେଙ୍କାନାଳରୁ ଚୋରା କୋଇଲା ନେଇ ମୁଖ୍ୟ ରାସ୍ତା ବଦଳରେ ଚୋରା ରାସ୍ତାରେ କୋଣାର୍କ ଯାଉଥିଲା ବୋଲି ଥାନା ପକ୍ଷରୁ ସୂଚନା ମିଳିଛି। ତେବେ ଏନେଇ ଗୋବିନ୍ଦପୁର ଥାନାରେ ଏକ ମାମଲା ଦାୟର ହୋଇଥିବା ବେଳେ ଖୁଣ୍ଟୁଣୀ ଅଞ୍ଚଳର ହେଲପର ବିଷ୍ଣୁପ୍ରସାଦ ସାହୁ ଓ ଡ୍ରାଇଭରକୁ କୋର୍ଟଚାଲାଣ କରାଯାଇଛି।

## ଯୁବକଙ୍କୁ ୬ ଲକ୍ଷ ଠକେଇ

କଟକ,୧୮ ।୧(ସମିସ): ଏକ ନକଲି ଟ୍ରେଡିଂ ଆପ୍ଲିକେସନ୍ ଜରିଆରେ ସାଇବର ଠକ କଟକର ଜଣେ ଯୁବକଙ୍କଠାରୁ ୬ ଲକ୍ଷ ଟଙ୍କା ଠକି ନେଇଯାଇଛନ୍ତି। ଠକେଇର ଶିକାର ହୋଇଥିବା ଯୁବକ କଟକ ସାଇବର ଥାନାରେ ଏତଲା ଦେଇଛନ୍ତି। ପୁଲିସ ସୂଚନା ଅନୁସାରେ, କଟକର ସୌମ୍ୟରଞ୍ଜନ ବେହେରା ଏକ ବେସରକାରୀ ସଂସ୍ଥାରେ ଚାକିରି କରିଛନ୍ତି। ଗତ ନଭେମ୍ବର ମାସରେ ତାଙ୍କୁ ସୋସିଆଲ ମିଡିଆରେ ଏକ ଟ୍ରେଡିଂ ଆପ ନେଇ ସୂଚନା ମିଳିଲା। "ଟ୍ରେଡ-କ୍ରେଡ' ନାମରେ ଏହି ଆପସରେ ନିବେଶ କଲେ ଭଲ ଲାଭ ମିଳିବ ବୋଲି ବୁଝେଇ ଦିଆଗଲା। ଏହାପରେ ଶ୍ରୀ ବେହେରା କିଛି କିଛି ଟଙ୍କା ନିବେଶ କରିଲେ। ପରେ ତାଙ୍କୁ ପ୍ରାୟ ୬୦ ହଜାର ଟଙ୍କା ଲାଭ ସୂତ୍ରରେ ଫେରସ୍ତ ମଧ୍ୟ ଆସିଥିଲା। ଏହି ଲାଭ ମିଳିବା ପରେ ସେ ଅଧିକରୁ ଅଧିକ ଟଙ୍କା ନିବେଶ କରିବାକୁ ଲାଗିଲେ। ୨ ଲକ୍ଷ କରି ୩ ଥରରେ ପ୍ରାୟ ୬ ଲକ୍ଷ ଟଙ୍କା ନିବେଶ କରିଦେଲେ। ହେଲେ ଟଙ୍କା ଉଠାଇବାର ସମୟ ଆସିବାରୁ ସେ ତାହାକୁ ଉଠାଇ ପାରିଲେ ନାହିଁ। ଏପରିକି ଅଧିକ ଟଙ୍କା ନିବେଶ କରିବା ପାଇଁ କୁହାଯାଇଥିଲା। ପାଖରେ ଟଙ୍କା ନଥିବାରୁ ସେ ଆଉ ନିବେଶ କରିନଥିଲେ। ବାରମ୍ବାର ଅନୁରୋଧ କରିବା ପରେ ମଧ୍ୟ ନିଜ ୱାଲେଟରୁ ସେ ଟଙ୍କା କାଢିପାରିଲେ ନାହିଁ। ଏଭଳି ସ୍ଥିତିରେ ସେ ଏକ ଠକ ଗ୍ରୁପ ହାବୁଡେ ପଡିଥିବା ଜାଣି କଟକ ସାଇବର ଥାନାରେ ଏତଲା ଦାୟର କରିଛନ୍ତି। ପୁଲିସ ଉକ୍ତ ଆପ୍ ନେଇ ଆବଶ୍ୟକ ତଥ୍ୟ ମଗାଇଥିବା ଥାନା ଅଧିକାରୀ ରଶ୍ମିତା ଜେନା ସୂଚନା ଦେଇଛନ୍ତି।

## ଠିକ୍ ହୋଇପାରୁନି 'ଟ୍ରାଫିକ୍ ଇଲେକ୍ଟ୍ରିକ୍ ସିଗ୍‌ନାଲ୍'

କଟକ,୧୮ ।୧(ସମିସ): ଦୀର୍ଘ ୨ ବର୍ଷ ବିତିଗଲାଣି। ଏ ପର୍ଯ୍ୟନ୍ତ ଠିକ୍ ହୋଇପାରୁ ନାହିଁ ଟ୍ରାଫିକ୍ ଇଲେକ୍ଟ୍ରିକ୍ ସିଗନାଲ୍ ବ୍ୟବସ୍ଥା। କଟକ ସହରରେ ସମୁଦାୟ ୫୩ଟି ଟ୍ରାଫିକ୍ ପୋଷ୍ଟ ରହିଥିବା ବେଳେ ୨୭ଟି ଟ୍ରାଫିକ୍ ପୋଷ୍ଟରେ ଇଲେକ୍ଟ୍ରିକ୍ ସିଗ୍‌ନାଲ୍ ବ୍ୟବସ୍ଥା ରହିଛି। କିନ୍ତୁ ୭ଟି ସିଗ୍‌ନାଲ୍ ପଏଣ୍ଟକୁ ବାଦ ଦେଲେ ୨୦ଟି ଇଲେକ୍ଟ୍ରିକ୍ ସିଗ୍‌ନାଲ୍ ପଏଣ୍ଟ ତ୍ରୁଟିପୂର୍ଣ୍ଣ ସଂକେତ(ସିଗନାଲ୍) ଦେଉଛି। ଅଧିକାଂଶ ସମୟରେ ଆଦୌ ସବୁଜ କିମ୍ବା ନାଲି ବତୀ ଜଳୁ ନାହିଁ। ଏପରିକି ଇଲେକ୍ଟ୍ରିକ୍ ସିଗନାଲ୍ ବାରମ୍ବାର ତ୍ରୁଟିପୂର୍ଣ୍ଣ ସଂକେତ ଦର୍ଶାଉଛି। ଦେଢ ବର୍ଷ ହେବ ଏଭଳି ଅବ୍ୟବସ୍ଥା ଲାଗି ରହିଥିବା ବେଳେ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ମହାନଗର ନିଗମ ହାତକୁ ଦିଆଯାଇଥିଲା। ମହାନଗର ନିଗମ ଏକ ସଂସ୍ଥାକୁ ଏହି ଟ୍ରାଫିକ୍ ଇଲେକ୍ଟ୍ରିକ୍ ସିଗନାଲ୍ ସଜାଡିବା ଦାୟିତ୍ୱ ଦେଇଥିଲା। ହେଲେ ସମ୍ପୃକ୍ତ ସଂସ୍ଥା ଏହାର ରକ୍ଷଣାବେକ୍ଷଣ କରିନପାରିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଗତ ୬ମାସ ପୂର୍ବରୁ କମିଶନରେଟ୍ ପୁଲିସ ସିଏମ୍‌ସି ହାତରେ ଏହି ଦାୟିତ୍ୱ ନଦେଇ ସିଧାସଳଖ ଟେଣ୍ଡର୍ ମାଧ୍ୟମରେ ଇଲେକ୍ଟ୍ରିକ୍ ସିଗନାଲ୍ ଗୁଡ଼ିକର ଦାୟିତ୍ୱ ଦେବାକୁ ଯୋଜନା କରିଥିଲା। ଏକ ନୂଆ ସଂସ୍ଥା ହାତକୁ ଏହି ଦାୟିତ୍ୱ ଯିବା ପରେ ସହରର ୨୭ଟି ଟ୍ରାଫିକ୍ ପୋଷ୍ଟର ଇଲେକ୍ଟ୍ରିକ୍ ସିଗନାଲ୍ ଠିକ୍ ହୋଇ ପାରିବ ବୋଲି ଆଶା କରାଯାଉଥିଲା। ହେଲେ ଏ ପର୍ଯ୍ୟନ୍ତ ଟେଣ୍ଡର୍ ପ୍ରକ୍ରିୟା ଆରମ୍ଭ ହୋଇ ପାରୁ ନଥିବା ଜଣାପଡ଼ିଛି।

**ଟ୍ରାଫିକ୍ ପୋଷ୍ଟରେ ଲାଗି ରହିଛି ତ୍ରୁଟିପୂର୍ଣ୍ଣ ସଙ୍କେତ**




ପ୍ରାପ୍ତ ସୂଚନା ଅନୁସାରେ, ପୂର୍ବରୁ ଶିଖରପୁର ଓ ଖାନନଗର ଇଲେକ୍ଟ୍ରିକ୍ ସିଗନାଲ୍ ବ୍ୟବସ୍ଥାକୁ କାଢି ନିଆଯାଇଛି। ବକ୍ସିବଜାର, ଦୋଳମୁଣ୍ଡାଇ, ବଜ୍ରକବାଟୀ, ଓଏମ୍‌ପିଓ କଲେଜଛକରେ ଲାଗିଥିବା ସିଗନାଲ୍ ଆଦୌ କାମ କରୁ ନାହିଁ। ସେହିପରି ସମୁଦାୟ ୨୦ଟି ପୋଷ୍ଟରେ ଏହି ବ୍ୟବସ୍ଥା ତ୍ରୁଟିଯୁକ୍ତ ରହିଛି। ଏଭଳି ସ୍ଥିତିରେ ଟ୍ରାଫିକ୍ ପରିଚାଳନାରେ ବିଭ୍ରାଟ ଦେଖାଦେଇଛି। ଏହି ସିଗନାଲ୍ ବ୍ୟବସ୍ଥା ସମ୍ପର୍କରେ ଡେପୁଟୀ କମିଶନର ଅଜୟ ମହାନ୍ତିଙ୍କୁ ପଚାରିବାରୁ ସେ କହିଛନ୍ତି, କମିଶନରେଟ୍ ପୁଲିସ ସହିତ ସିଏମ୍‌ସିର ହୋଇଥିବା ବୁଝାମଣା ପତ୍ରର ଅବଧି ସମୟ ସୀମା ସରିଯାଇଛି। ଶେଷ ଥର ପାଇଁ ହୋଇଥିବା ପୁଲିସ ଓ ସିଏମ୍‌ସି ବୈଠକରେ ଏ ସମ୍ପର୍କରେ ଅବଗତ କରାଯାଇଛି।

ଅନ୍ୟପଟେ ସହରରେ ବାଦାମବାଡି, ମଙ୍ଗଳାବାଗ, ଖାନ୍‌ନଗର, ବିଜୁପଟ୍ଟନାୟକ ଛକ, ଲିଙ୍କ୍‌ରୋଡ, ଶିଖରପୁର ଆଦି ହେଉଛି ଜନଗହଳିପୂର୍ଣ୍ଣ ଅଞ୍ଚଳ। ଶିଖରପୁରର ଟ୍ରାଫିକ୍ ପୋଷ୍ଟ ମହାନଦୀ ବ୍ରିଜ୍‌କୁ ସିଧାସଳଖ ସଂଯୋଗ କରୁଛି। ଏହି ଟ୍ରାଫିକ୍ ପୋଷ୍ଟ ଗଣ୍ଡରପୁର-ଯୋବ୍ରା ବାଇପାସ ଓ ଜାତୀୟ ରାଜପଥକୁ ସମ୍ପୂର୍ଣ୍ଣ ରୂପେ ପରିଚାଳନା କରୁଛି। ଏଠାରେ ଓଭରବ୍ରିଜ୍ କାମ ବର୍ତ୍ତମାନ ଚାଲୁଥିବାରୁ ଏହାକୁ ଦୃଷ୍ଟିରେ ରଖି ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ ଓଭରବ୍ରିଜ୍ ତଳ ବାଇପାସ୍‌ରେ ରାସ୍ତା ଖୋଲିବା ସହ ଜାତୀୟ ରାଜପଥ ୟୁ ଟର୍ଣ୍ଣକୁ ବନ୍ଦ କରି ଦେଇଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ପୋଷ୍ଟ'ର ଡିଜିଟାଲ ଟ୍ରାଫିକ୍ ଲାଇଟ୍ ଗୁଡିକ ଦୀର୍ଘଦିନ ହେବ ଅଚଳ ହୋଇପଡିଛି। ଫଳରେ ଏହି ଜଙ୍କସନ୍‌ରେ ଲୋକେ ସିଗ୍‌ନାଲ୍ ଜାଣିବା କଷ୍ଟକର ହୋଇପଡୁଛି। ସିଗ୍‌ନାଲ ଲାଇଟ୍ ବ୍ୟବସ୍ଥା ବନ୍ଦ କରି ଦିଆଯାଇଥିବାରୁ ଶିଖରପୁର ଛକରେ ଯାନବାହନକାରୀ ବେପରୁଆ ଗାଡି ଚାଳନା କରୁଥିବାରୁ ଦୁର୍ଘଟଣାର ଆଶଙ୍କା ଦେଖାଦେଇଛି। ସେହିପରି ମଧୁପାଟଣା ଟ୍ରାଫିକ୍ ଟାୱାର ପାଶ୍ୱର୍ରେ ଏକ ଡିଜିଟାଲ ସୂଚନା ଫଳକ ଲଗାଯାଇଥିଲା। ଏହା ଯାତ୍ରୀମାନଙ୍କୁ ଟ୍ରାଫିକ୍ ସଂକ୍ରାନ୍ତ ସମସ୍ତ ସୂଚନା ପ୍ରଦାନ କରୁଥିଲା। ହେଲେ ଏହି ସୂଚନା ଫଳକ ମଧ୍ୟ ଦୀର୍ଘଦିନ ହେବ ଅଚଳ ହୋଇପଡିଛି। ବିଶେଷ କରି ଜନଗହଳିପୂର୍ଣ୍ଣ କଟକ ସହରରେ ଟ୍ରାଫିକ୍ ପ୍ରମୁଖ ସମସ୍ୟା ହୋଇଥିବା ବେଳେ ଏହାର ଅବ୍ୟବସ୍ଥାକୁ ନେଇ ଅସନ୍ତୋଷ ବଢିବାରେ ଲାଗିଛି।

## ନେତାଜୀ ସଂଗ୍ରହାଳୟ ପରିଦର୍ଶନ କଲେ ନେତାଜୀଙ୍କ ନାତି



କଟକ,୧୮ ।୧(ସମିସ): ଓଡ଼ିଆ ବଜାରସ୍ଥିତ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟକୁ ଆଜି ନେତାଜୀଙ୍କ ବଡ଼ ଭାଇ ଶରତ ବୋଷଙ୍କ ନାତି ପରିଦର୍ଶନରେ ଆସିଥିଲେ। ସେ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ କିଛି ସ୍ୱାଧୀନତା ସଂଗ୍ରାମୀଙ୍କ ସଂପର୍କୀୟଙ୍କୁ ସାଥୀରେ ଧରି ସେ ନେତାଜୀ ସଂଗ୍ରହାଳୟ ଓ ଉଦ୍ୟାନ ବୁଲି ଦେଖିଥିଲେ। ଏହି ଅବସରରେ ସେ ସଂଗ୍ରହାଳୟକୁ ସ୍କୁଲ ଛାତ୍ରଛାତ୍ରୀମାନଙ୍କୁ ବିନା ଟିକେଟରେ ପ୍ରବେଶ ଅନୁମତି ଦେବାକୁ ଦାବି କରିଥିଲେ। ଏଥିସହ ବିଭିନ୍ନ ରାଜ୍ୟର ଇତିହାସ ବହିରେ ନେତାଜୀଙ୍କ ଜୀବନୀ ଓ ସଂଗ୍ରାମ ଜୀବନକୁ ସ୍ଥାନ ଦେବାକୁ ସେ ନିବେଦନ କରିଥିଲେ।

# କନିଷ୍ଠ ଯନ୍ତ୍ରୀଙ୍କୁ ମାରି ଟାଙ୍ଗିଦେଲେ!



## ବନ୍ଦ କୋଠରୀରୁ ଝୁଲନ୍ତା ମୃତଦେହ ଉଦ୍ଧାର

## ତଦନ୍ତ ଦାବିରେ ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକ

ନରସିଂହପୁର/ବଡ଼ମ୍ବା, ୧୮ ।୧(ସମିସ): ନରସିଂହପୁର ବ୍ଲକର କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ଅଜୟ କୁମାର ସାମଲଙ୍କ ଝୁଲନ୍ତା ମୃତଦେହକୁ ଶନିବାର ନରସିଂହପୁର ପୁଲିସ ଉଦ୍ଧାର କରିଛି। କିଛି ଖଳ ପ୍ରକୃତିର ବ୍ୟକ୍ତି ତାଙ୍କୁ ହତ୍ୟା କରି ଫ୍ୟାନ୍‌ରେ ଝୁଲାଇ ଏହାକୁ ଆତ୍ମହତ୍ୟା ରୂପ ଦେବାକୁ ଅପଚେଷ୍ଟା କରିଛନ୍ତି ବୋଲି ପରିବାର ପକ୍ଷରୁ ନରସିଂହପୁର ଥାନାରେ ଅଭିଯୋଗ ହୋଇଛି। ଅଜୟଙ୍କ ଘର ବଡ଼ମ୍ବା ଥାନା ଅଧୀନ ବଡବାରସିଂହ ଗ୍ରାମରେ। ଏହି ଘଟଣା ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଅଜୟଙ୍କ ହତ୍ୟାର ତଦନ୍ତ ଏବଂ ଦୋଷୀଙ୍କୁ ଉପଯୁକ୍ତ ଦଣ୍ଡବିଧାନ ସହ ପରିବାରର ଜଣେ ସଦସ୍ୟଙ୍କୁ ନିଯୁକ୍ତି ନେଇ ଶନିବାର ସଂଧ୍ୟାରେ ବଡ଼ବାରସିଂହ ଗ୍ରାମବାସୀମାନେ ଖୁଣ୍ଟୁଣୀ-ନରସିଂହପୁର ୬୫ନଂ ରାଜ୍ୟ ରାଜପଥର ବଡ଼ବାରସିଂହ ଛକ ଉପରେ ମୃତଦେହ ରଖି ରାସ୍ତାରୋକ କରିଥିଲେ। ଖବର ପାଇ ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା ଓ ଆଠଗଡ଼ ଡିଏସ୍‌ପି ରବୀନ୍ଦ୍ର ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକମାନଙ୍କୁ ବୁଝାସୁଝା କରିଥିଲେ। ଶେଷ ଖବର ଲେଖା ହେବା ସୁଦ୍ଧା ରାସ୍ତାରୋକ ହଟିନଥିଲା।

ମିଳିଥିବା ସୂଚନା ତଥା ଅଭିଯୋଗ ଅନୁଯାୟୀ, ବଡ଼ମ୍ବା ଥାନା ଅର୍ନ୍ତଗତ ବଡ଼ବାରସିଙ୍ଗ ଗ୍ରାମର ଅଜୟ କୁମାର ସାମଲ ନରସିଂହପୁର ବ୍ଲକରେ କାର୍ଯ୍ୟ କରୁଥିଲେ। ତାଙ୍କୁ ଏହି ବ୍ଲକର ସାଗର, ଅଲରା ଓ କାଞ୍ଜିଆପଦା ପଞ୍ଚାୟତର କାର୍ଯ୍ୟଭାର ପ୍ରଦାନ କରାଯାଇଥିଲା। କିଛି ଦିନ ତଳେ ସାଗର ପଞ୍ଚାୟତର କିଛି ଯୋଜନାରେ ଅର୍ଥ ତୋଷରପାତକୁ ନେଇ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ତାଙ୍କ ବିରୁଦ୍ଧରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଜିଲ୍ଲାପାଳ ତଦନ୍ତ ପରିସରକୁ ନେଇଥିଲେ। ସମ୍ପୃକ୍ତ ଘଟଣାକୁ ନେଇ ବହୁ ସମୟରେ ସେ ମାନସିକ ଚାପରେ ରହିଥିବା ବିଭିନ୍ନ ସ୍ଥାନରେ ବ୍ୟକ୍ତିବିଶେଷଙ୍କୁ କହିଥିଲେ। ତାଙ୍କର ବାସଭବନରୁ କନିଷ୍ଠ ଯନ୍ତ୍ରୀଙ୍କ ମୃତ୍ୟୁଜନିତ କାରଣକୁ ନେଇ ଏକ ହ୍ୟାଣ୍ଡନୋଟ ମିଳିଥିବା ଜଣାପଡ଼ିଛି।

ଅନ୍ୟ ପକ୍ଷରେ କନିଷ୍ଠ ଯନ୍ତ୍ରୀ ବାସଭବନର ପ୍ରଥମ ଗୃହରେ ଏକ ଫ୍ୟାନରେ ଗାମୁଛାରେ ଝୁଲନ୍ତା ଅବସ୍ଥାରେ ରହିଥିଲା। ପରିବାରଲୋକେ ଘଟଣାସ୍ଥଳରେ ପହଞ୍ଚିବା ପରେ ଯନ୍ତ୍ରୀଙ୍କ ମୃତ୍ୟୁ ଘଟଣା ଜାଣିପାରିଥିଲେ। ପରେ ସ୍ତ୍ରୀ ସୁଜାତା ସାମଲ ସ୍ୱାମୀଙ୍କର ମୃତ୍ୟୁକୁ ନେଇ ହତ୍ୟା କରି ଝୁଲାଇ ଦିଆଯାଇଥିବା ଅଭିଯୋଗ କରିଛନ୍ତି। ତାଙ୍କ ସ୍ୱାମୀଙ୍କର ଗୋଡ଼ ଟେବୁଲରେ ଲାଗି ରହିଥିବା ଯୋଗୁଁ ତାଙ୍କୁ ମାରି ଓହଳା ଯାଇଥିବା କହିଛନ୍ତି। ମୋ ସ୍ୱାମୀଙ୍କୁ ବିଭିନ୍ନ ସମୟରେ ଏହି ପଞ୍ଚାୟତର କିଛି ଲୋକ ମିଥ୍ୟା ବିଲରେ ଦସ୍ତଖତ ପାଇଁ ଜବରଦସ୍ତ ବାଧ କରିଥାନ୍ତି ବୋଲି ଅଭିଯୋଗ କରିଛନ୍ତି।

ଘଟଣାସ୍ଥଳରେ ବିଧାୟକ ବିଜୟ କୁମାର ଦଳବେହେରା, ବ୍ଲକ ଅଧ୍ୟକ୍ଷା ସସ୍ମିତା ଜେନା, ସମିତିସଭ୍ୟ ନିର୍ମଳ କୁମାର ଜେନା ପହଞ୍ଚି ଦୁଃଖ ପ୍ରକାଶ କରିଛନ୍ତି। ଖବର ପାଇ ଆଠଗଡ଼ ଏସ୍‌ଡିପିଓ ରବୀନ୍ଦ୍ର କୁମାର ମଲ୍ଲିକ, ଅତିରିକ୍ତ ତହସିଲଦାର କୌସ୍ତୁଭ ଷଡ଼ଙ୍ଗୀ, ବିଡିଓ ପ୍ରଳୟାନନ୍ଦ ଶତପଥୀ ଉପସ୍ଥିତ ରହି ଶବକୁ ଜବତ କରି ପ୍ରାଥମିକ ତଦନ୍ତ ପରେ ବ୍ୟବଚ୍ଛେଦ ପାଇଁ ବଡ଼ମ୍ବା ଡାକ୍ତରଖାନାକୁ ପଠାଯାଇଥିଲା। ଉକ୍ତ କୋଠରିଟିକୁ ବନ୍ଦ ରଖାଯାଇଥିବା ବେଳେ ଜବତ ହୋଇଥିବା ହ୍ୟାଣ୍ଡ ନୋଟର ଅକ୍ଷର ଯାଞ୍ଚ, ସାଇଣ୍ଟିଫିକ୍ ଟିମର ତଦନ୍ତ ପରିସରଭୁକ୍ତ କରାଯିବ ବୋଲି ଥାନା ଅଧିକାରୀ ଶ୍ରୀ ଖୁଣ୍ଟିଆ ସୂଚନା ଦେଇଛନ୍ତି।



ବିଜେଡିରେ ସାମିଲ ହେବା ପରେ ନବୀନ ପଟ୍ଟନାୟକଙ୍କ ସହ ହିଞ୍ଜିଳି ନିର୍ବାଚନମଣ୍ଡଳୀର ବଜେପି ନେତା ଓ କର୍ମୀ

### ଆର୍‌ଆଇ, ଅମିନ ଓ ଫରେଷ୍ଟର ଫରେଷ୍ଟ ଗାର୍ଡ ପରୀକ୍ଷାରେ ଅସଂଗତି ପ୍ରସଙ୍ଗ

# ୩ ମାସ ବିତିଲା; ଆସିଲାନି ତଦନ୍ତ ରିପୋର୍ଟ

**ପରୀକ୍ଷା ବାତିଲ୍ କରି ପୁନଃ ପରୀକ୍ଷା କରିବାକୁ ଦାବି**

**ସମାଧାନ ନ ହେଲେ ୨୩ରେ ଆନ୍ଦୋଳନ ଚେତାବନୀ**

ଭୁବନେଶ୍ୱର, ୧୮ ।୧(ସମିସ): ନିଯୁକ୍ତି ଦୁର୍ନୀତି ଏବଂ ଅନିୟମିତତା ପ୍ରସଙ୍ଗ ଭୁଲି ଯାଇଛନ୍ତି ରାଜ୍ୟ ସରକାର। ଆର୍‌ଆଇ, ଅମିନ ପରୀକ୍ଷାରେ ବ୍ୟାପକ ଅସଂଗତି ଅଭିଯୋଗ ହେବା ପରେ ଅକ୍ଟୋବର ୧୭ରେ ରାଜ୍ୟ ସରକାର ତଦନ୍ତ କରୁଥିବା କହିଥିଲେ। ହେଲେ ଏହାକୁ ୩ ମାସ ବିତିଥିଲେ ମଧ୍ୟ ତଦନ୍ତର ଅଗ୍ରଗତି ସମ୍ପର୍କରେ ପଦୁଟିଏ କହୁ ନାହାନ୍ତି। ତଦନ୍ତ ଆଳରେ ସମୟ ଅତିବାହିତ କରୁଛନ୍ତି। ଏଣୁ ତୁରନ୍ତ ଆର୍‌ଆଇ, ଅମିନ ସମେତ ଫରେଷ୍ଟର, ଫରେଷ୍ଟଗାର୍ଡ ପରୀକ୍ଷା ବାତିଲ୍ କରି ପୁନଃ ପରୀକ୍ଷା ତାରିଖ ଘୋଷଣା କରିବାକୁ ଦୁର୍ନୀତି ବିରୋଧୀ ଛାତ୍ର ସଂଗଠନ ପକ୍ଷରୁ ଦାବି କରାଯାଇଛି। ଆସନ୍ତା ୫ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ୨୩ ତାରିଖରେ ଆଶାୟୀମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସଂଗଠନ ଚେତାବନୀ ଦେଇଛି। ଶନିବାର ଏକ ସାମ୍ବାଦିକ ସମ୍ମିଳନୀରେ ସଂଗଠନ ପକ୍ଷରୁ ଏହି ସୂଚନା ଦିଆଯାଇଛି।

### ଆମେରିକାରେ ଟ୍ରମ୍ପ ଭୟ

# ଶପଥ ପରେ ଆରମ୍ଭ ହେବ ସାମୂହିକ ଗିରଫ

ୱାଶିଂଟନ, ୧୮।୧ (ଏଜେନ୍ସି): ଆମେରିକାର ନବ ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୋମବାର ଶପଥ ଗ୍ରହଣ କରିବାକୁ କରିବାକୁ ଯାଉଛନ୍ତି। ମାତ୍ର ଏହା ପୂର୍ବରୁ ପ୍ରବାସୀଙ୍କ ମନରେ ଭୟ ଘାରିଲାଣି। ଶପଥ ଗ୍ରହଣର ଦିନକ ପରେ ମଙ୍ଗଳବାରଠାରୁ ରାଷ୍ଟ୍ରପତି ଦେଶରେ ସାମୂହିକ ଗିରଫ ଅଭିଯାନ ଆରମ୍ଭ କରିବେ। ପ୍ରଥମେ ଚିକାଗୋରୁ ଏହି ଅଭିଯାନ ଆରମ୍ଭ ହେବ। ଟ୍ରମ୍ପଙ୍କ ଦ୍ୱାରା ନିଯୁକ୍ତ ଆମେରିକା ସୀମା ବିଭାଗ 'ବର୍ଡର ଜାର' ମୁଖ୍ୟ ଟମ୍ ହୋମାନ ଏହି ସୂଚନା ଦେଇଛନ୍ତି। ଏହା ଦେଶର ସବୁଠୁ ବଡ଼ ଚଢ଼ଉ ହେବ ବୋଲି ସେ ଏକ ସାକ୍ଷାତକାରରେ କହିଛନ୍ତି। ଏହି ଅଭିଯାନରେ ଦେଶରେ ବେଆଇନ ଭାବେ ରହୁଥିବା ପ୍ରବାସୀଙ୍କୁ ଗିରଫ କରାଯିବ। ଏହା ଦ୍ୱାରା ଭାରତୀୟମାନେ ମଧ୍ୟ ପ୍ରଭାବିତ ହେବେ। ପ୍ରାୟ ୧୮ ହଜାର ଭାରତୀୟ ଆମେରିକାରେ ବେଆଇନ ଭାବେ ରହୁଥିବା ନେଇ ପୂର୍ବରୁ ରିପୋର୍ଟ ପ୍ରକାଶ ପାଇଥିଲା। ତେବେ ପ୍ରତିବର୍ଷ ପ୍ରାୟ ୯୦ ହଜାର ଭାରତୀୟ ବେଆଇନ ଭାବେ ଆମେରିକାରେ ପ୍ରବେଶ ପାଇଁ ପ୍ରୟାସ କରୁଥିବା ଜଣାପଡ଼ିଛି। ଏମାନଙ୍କ ମଧ୍ୟରୁ ଅଧିକାଂଶ ଗିରଫ ହେଉଛନ୍ତି।

ନିର୍ବାଚନ ପ୍ରଚାର ସମୟରେ ବେଆଇନ ପ୍ରବାସୀଙ୍କୁ ବାହାର କରିବାକୁ ଟ୍ରମ୍ପ ପ୍ରତିଶ୍ରୁତି ଦେଇଥିଲେ। ଶପଥ ଗ୍ରହଣ ପରେ ବେଆଇନ ପ୍ରବାସୀଙ୍କୁ ବିଦା କରିବା ପାଇଁ ପଦକ୍ଷେପ ନେବେ ବୋଲି ଟ୍ରମ୍ପ କହିଥିଲେ।

# ରାୟଗଡ଼ାରେ ସ୍ୱାମୀତ୍ୱ ଯୋଜନାର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ



ରାୟଗଡ଼ା, ୧୮।୧(ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଆଭାସୀ ଜରିଆରେ ସ୍ୱତନ୍ତ୍ର ସ୍ୱାମୀତ୍ୱ ଯୋଜନାର ଇ-ସମ୍ପତ୍ତି କାର୍ଡ ବିତରଣ ଶୁଭାରମ୍ଭ କରିଛନ୍ତି। ଭାରତର ୫୦ ହଜାର ଗ୍ରାମର ୬୫ ଲକ୍ଷ ହିତାଧିକାରୀଙ୍କୁ ଏହି ସମ୍ପତ୍ତି କାର୍ଡ ବଣ୍ଟନ କରାଯିବ। ରାୟଗଡ଼ାର ବିଜୁ ପଟ୍ଟନାୟକ ଅଡିଟରିୟମ୍‌ଠାରେ ଏନେଇ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ଯେ

## ସମ୍ପତ୍ତିପତ୍ରରେ ମହିଳାଙ୍କ ନାମ ଯୋଡ଼ାଯିବା ସଶକ୍ତୀକରଣର ଆଉ ଏକ ଉଦାହରଣ: ମୁଖ୍ୟମନ୍ତ୍ରୀ

ସ୍ୱାମୀତ୍ୱମାନେ କୌଣସି ସମ୍ପତ୍ତି କିମ୍ବା ସାଧନ ଉପରେ ଅଧିକାର ଜାହିର କରିବା, ଅର୍ଥାତ ସଂଶାଧନ ଉପରେ ଆଇନ ଅନୁଯାୟୀ ମାଲିକାନାସ୍ୱତ୍ୱ। ଓଡ଼ିଶାରେ ୨୦୨୧ ଫେବ୍ରୁଆରୀ ୫ ତାରିଖରେ ଏହି ଯୋଜନାର କାର୍ଯ୍ୟାନ୍ୱୟନ ପାଇଁ ଭାରତୀୟ ସର୍ବେକ୍ଷଣ ବିଭାଗ ସହ ଚୁକ୍ତି ସ୍ୱାକ୍ଷର ହୋଇଥିଲା। ୫ଟି ଜିଲ୍ଲା ଯଥା ରାୟଗଡ଼ା, ଝାରସୁଗୁଡ଼ା, ଗଜପତି, ଢେଙ୍କାନାଳ ଏବଂ ନବରଙ୍ଗପୁରର ମୋଟ ୩,୦୩୯ଟି ଗ୍ରାମରେ ସର୍ଭେ ଚାଲୁଛି। ତନ୍ମଧ୍ୟରୁ ୨,୭୨୧ଟି ଗ୍ରାମରେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ବର୍ତ୍ତମାନ ସୁଦ୍ଧା ରାୟଗଡ଼ା ଜିଲ୍ଲାର ୨ ହଜାର ୪୬୨ଟି ମୌଜା ଏବଂ ୨୭୯ଟି ପଡ଼ାରେ ସର୍ଭେ ସରିଛି। ଜିଲ୍ଲାର ସମୁଦାୟ ୨ ହଜାର ୮୭୦ଜଣଙ୍କୁ ସମ୍ପତ୍ତିପତ୍ର ମଧ୍ୟ ପ୍ରଦାନ କରାଯିବ। ପରିବାରର ମହିଳାମାନଙ୍କ ନାମ ସମ୍ପତ୍ତିପତ୍ରରେ ଯୋଡ଼ାଯିବା ଯୋଗୁଁ ମହିଳା ସଶକ୍ତୀକରଣ ଦିଗରେ ଏହା ଆଉ ଏକ ମାଇଲଖୁଣ୍ଟ ହୋଇପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ଏହି ଅବସରରେ ୧୦ଜଣ ହିତାଧିକାରୀଙ୍କୁ ଇ-ସମ୍ପତ୍ତି କାର୍ଡ ପ୍ରଦାନ କରାଯାଇଥିଲା। ହିତାଧିକାରୀ ଗଜେନ୍ଦ୍ର ସଙ୍ଗୀତ ପ୍ରଧାନମନ୍ତ୍ରୀଙ୍କ ସହ ବାର୍ତ୍ତାଳାପ କରିଥିବାରୁ ମୁଖ୍ୟମନ୍ତ୍ରୀ ତାଙ୍କୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ବିଧାୟକ କାଦ୍ରକା ଆପଲସ୍ୱାମୀ, ବିଧାୟକ ନୀଳମାଧବ ହିକକା ଓ ରାୟଗଡ଼ା ଜିଲ୍ଲାପାଳ ପାରୁଲ ପଟାୱରୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିସିସି ବ୍ୟାଙ୍କରୁ ଦେଢ଼ କୋଟି ଟଙ୍କା ଚଲୁ

### ପୂର୍ବତନ ମ୍ୟାନେଜର୍ ଓ ସୁପରଭାଇଜର ଗିରଫ



ବ୍ରହ୍ମପୁର, ୧୮ ।୧ (ସମିସ): ବ୍ରହ୍ମପୁର କେନ୍ଦ୍ରୀୟ ସମବାୟ (ବିସିସି) ବ୍ୟାଙ୍କର ବିଜିପୁର ଶାଖାରୁ ପ୍ରାୟ ଦେଢ଼ କୋଟି ଟଙ୍କା ଚଲୁ କରିବା ଅଭିଯୋଗରେ ଗୋଷାଣୀ ନୂଆଗାଁ ଥାନା ପୁଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫଦ୍ୱୟ ହେଲେ, ବିଜିପୁର ଶାଖାର ପୂର୍ବତନ ବ୍ୟାଙ୍କ ମ୍ୟାନେଜର୍ ଦେବାଶିଷ ପଟ୍ଟନାୟକ ଏବଂ ମୟୂରଭଞ୍ଜ ଜିଲ୍ଲା କଟିପଡ଼ା ଥାନା ଅନ୍ତର୍ଗତ ଟୁନାକପୁର ତଥା ଉକ୍ତ ଶାଖାର ସୁପରଭାଇଜର ତୃପ୍ତିରେଖା ମହାପାତ୍ର।

ଶାଖାର ପୂର୍ବତନ ବ୍ୟାଙ୍କ ମ୍ୟାନେଜର୍ ଦେବାଶିଷ, ପୂର୍ବତନ କ୍ୟାସିୟର ଅଜିତ ଓ ସୁପରଭାଇଜର୍ ତୃପ୍ତିରେଖା ସେମାନଙ୍କ କାର୍ଯ୍ୟକାଳ ସମୟରେ ଟଙ୍କା ହଡ଼ପ କରିଥିବା ବ୍ରହ୍ମପୁର କୋ-ଅପରେଟିଭ୍ ସେଣ୍ଟ୍ରାଲ୍ ବ୍ୟାଙ୍କ ଲିମିଟେଡ୍‌ର ସିଇଓ ଭରତ ଚନ୍ଦ୍ର ସାହୁ ଜାଣିବାକୁ ପାଇଥିଲେ। ଏନେଇ ଏକ ଟିମ୍ ଗଠନ କରି ତଦନ୍ତ କରାଯାଇଥିଲା। ତଦନ୍ତରୁ ଜଣାପଡ଼ିଥିଲା ଯେ ମୋଟ ୧ କୋଟି ୪୬ଲକ୍ଷ ୪୬ହଜାର ଟଙ୍କା ହଡ଼ପ ହୋଇଛି। ଏନେଇ ଶନିବାର ସିଇଓ ଶ୍ରୀ ସାହୁ ଗୋଷାଣୀନୂଆଗାଁ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ୍ ଦେବାଶିଷ, ତାଙ୍କ ପତ୍ନୀ ମମତା ମଙ୍ଗୱାନୀ, ତୃପ୍ତିରେଖା ଓ ଅଜିତଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ କରିଥିଲା। ଶନିବାର ପୁଲିସ୍ ଦେବାଶିଷ ଓ ତୃପ୍ତିରେଖାଙ୍କୁ ଗିରଫ କରିଛି ବୋଲି ଥାନା ଅଧିକାରୀ ସ୍ମୃତିପ୍ରଭା ପ୍ରଧାନ ସୂଚନା ଦେଇଛନ୍ତି।

ଅପରପକ୍ଷେ, ବର୍ତ୍ତମାନ ଘଟଣାର ତଦନ୍ତ ଜାରି ରହିଥିବା ବେଳେ ବ୍ୟାଙ୍କ ନେଣଦେଣ କାଗଜପତ୍ର, ଟଙ୍କା ଟ୍ରାନ୍ସଫର୍, ଏଫଏଫଟି ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍ ପୁଲିସ ଜବତ କରିଛି। ତଦନ୍ତ ବେଳେ ପୁଲିସ ଜାଣିବାକୁ ପାଇଛି ଯେ ଏମାନେ ବିନା କାଗଜପତ୍ରରେ ଜାଲିଆତି କରି ଗ୍ରାହକଙ୍କ ନାମରେ ଋଣ କରାଇ ନିଜ ସଂପତ୍ତି ବଢ଼ାଉଥିଲେ। ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଦେବାଶିଷ ଟଙ୍କା ଉଠାଣ କରି ନିଜ ପତ୍ନୀ ମମତାଙ୍କ ଆକାଉଣ୍ଟକୁ ଟଙ୍କା ପଠାଉଥିଲେ।

### ଆକ୍ସିସ ବ୍ୟାଙ୍କରେ ପଲିସି କରି ଫସିଗଲେ

# ୪୮ ଲକ୍ଷ ହରାଇଲେ ଶିକ୍ଷକ

ଦେବଗଡ଼, ୧୮।୧ (ସମିସ): ଅବସରପ୍ରାପ୍ତ ଶିକ୍ଷକଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୪୮ ଲକ୍ଷ ଟଙ୍କା ଗାଏବ। ଆକ୍ସିସ ବ୍ୟାଙ୍କରେ ମ୍ୟାକ୍ସ-ଲାଇଫ୍ ପଲିସି କରି ସର୍ବସ୍ୱ ଜମା ପୁଞ୍ଜି ହରାଇଲେ ଶିକ୍ଷକ। ୪୭ଲକ୍ଷ ୯୫ହଜାର ୧୫୦ ଟଙ୍କା ହରାଇବା ପରେ ସେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପ୍ରାଥମିକ ତଦନ୍ତ ପରେ ଆକ୍ସିସ ବ୍ୟାଙ୍କର ତତ୍କାଳୀନ ମ୍ୟାନେଜରଙ୍କ ସମେତ ୧୨ ଅଭିଯୁକ୍ତଙ୍କ ନାମରେ ମାମଲା ରୁଜୁ ସହ ଘଟଣାର ତଦନ୍ତ ଆରମ୍ଭ କରିଛି ଦେବଗଡ଼ ପୁଲିସ।

ଦେବଗଡ଼ ଥାନା ଅନ୍ତର୍ଗତ ବଳମ ପଞ୍ଚାୟତ ଭାଲୁମୁଣ୍ଡା ଗ୍ରାମର ୭୨ ବର୍ଷୀୟ ଅବସରପ୍ରାପ୍ତ ହାଇସ୍କୁଲ ଶିକ୍ଷକ ଜନାର୍ଦ୍ଦନ

### ତତ୍କାଳୀନ ବ୍ୟାଙ୍କ ମ୍ୟାନେଜରଙ୍କ ସମେତ ୧୨ ଜଣଙ୍କ ନାମରେ ମାମଲା

ପ୍ରଧାନ ଗତ ୨୦୧୪ ମସିହା ଜୁଲାଇରେ ତତ୍କାଳୀନ ଆକ୍ସିସ ବ୍ୟାଙ୍କ ମ୍ୟାନଜର ସୁମିତ ମିଶ୍ରଙ୍କ ସହ ଆଲୋଚନା କରି ମ୍ୟାକ୍ସ ଲାଇଫ ଇନସ୍ୟୁରାନ୍ସ କମ୍ପାନୀରେ ତାଙ୍କ ନାମରେ ଏକ ପଲିସି କରିଥିଲେ। ତେବେ ୨୦୧୬, ୨୦୧୭, ୨୦୧୯ ମସିହାରେ ସେହି ବ୍ୟାଙ୍କର ଅନ୍ୟ ଜଣେ ମ୍ୟାନେଜର ସୌମ୍ୟ ପାଣିଗ୍ରାହୀଙ୍କ କୌଣସି ସମ୍ମତି ବିନା ସେ ତାଙ୍କ ନାମରେ ୨ଟି ଓ ତାଙ୍କ ସ୍ତ୍ରୀ ସୈରେନ୍ଧ୍ରୀ ପ୍ରଧାନ ନାମରେ ୪ଟି, ଏପରି ମୋଟ ୬ଟି ପଲିସି କରିଥିଲେ। ଏହା ଜାଣିବା ପରେ ପୀଡ଼ିତ ଜନାର୍ଦ୍ଦନ ପଲିସିଗୁଡ଼ିକୁ ବନ୍ଦ କରିବାକୁ କହିଥିଲେ ମଧ୍ୟ ବ୍ୟାଙ୍କ କର୍ଣ୍ଣପାତ କରି ନଥିଲା। ତେବେ ଗତ ମଇ ୨୦୨୩ ରେ ଶ୍ରୀକାନ୍ତ ପଣ୍ଡା, ଆଶିଷ ଅଗ୍ରୱାଲ ଏବଂ ଦୀପକ ଭରଦ୍ୱାଜ ନାମକ ବ୍ୟକ୍ତି ଫୋନ ଯୋଗେ ଯୋଗାଯୋଗ କରି ତାଙ୍କ ପଲିସି ଟଙ୍କା ତାଙ୍କ ଆକାଉଣ୍ଟକୁ ଫେରି ପାଇବା ପାଇଁ ଆଶ୍ୱାସନା ଦେବା ସହ ବିଭିନ୍ନ ପ୍ରସେସିଂ ଫି ବାବଦକୁ ଏକାଧିକ ବାର ବହୁ ଟଙ୍କା ଜମା କରିବାକୁ କହିବାରୁ ପୀଡ଼ିତ ଜନାର୍ଦ୍ଦନ ବାରମ୍ବାର ଅର୍ଥ ଜମା କରିଥିଲେ ମଧ୍ୟ ନିଜ ଅର୍ଥ ଫେରି ନ ପାଇବାରୁ ଶେଷରେ ସେ ଦେବଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

### ■ ରୋଗୀ ନେଇ ଯାଉଥିବା ବସ୍ ଦୁର୍ଘଟଣାଗ୍ରସ୍ତ

# ବାପା-ଝିଅ ମୃତ; ୨୦ରୁ ଊର୍ଦ୍ଧ୍ୱ ଆହତ



ମାଲକାନଗିରି, ୧୮।୧ (ସମିସ): ମାଲକାନଗିରି ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୩୦ ରୋଗୀଙ୍କୁ ନେଇ ବିଶାଖାପାଟଣାସ୍ଥିତ ଅନିଲ ନିରୁକୋଣ୍ଡା ହସ୍ପିଟାଲକୁ ଯାଉଥିବା ଏକ ବସ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ବାପା-ଝିଅଙ୍କ ମୃତ୍ୟୁ ଘଟିଛି। ଆନ୍ଧ୍ରପ୍ରଦେଶର ବିଜୟନଗରମ ଜିଲ୍ଲା ଗଜପତିନଗର ଥାନା ମଧୁପଦାଠାରେ ବସ୍‌ଟି ରାସ୍ତାକଡ଼ରେ ଥୁଆ ହୋଇଥିବା ଏକ ଟ୍ରକ୍‌କୁ ଧକ୍କା ଦେବାରୁ ଏହି ଅଘଟଣ ଘଟିଛି। ମୃତକ ହେଲେ, ଏମଭି ୫୮ ଗ୍ରାମର ସୁବ୍ରତ ରାୟ ଏବଂ ତାଙ୍କ ସାନ ଝିଅ। ସୁବ୍ରତ ବିଜେପି ପଡ଼ିଆ ମଣ୍ଡଳର ଯୁବନେତା ତଥା ଏମ୍‌ଭି ୫୮ ଗ୍ରାମର ବୁଥ୍ ସଭାପତି ଥିଲେ। ଏହାସହ ବସ୍‌ରେ ଥିବା ୨୦ରୁ ଊର୍ଦ୍ଧ୍ୱ ରୋଗୀ ଆହତ ହୋଇଛନ୍ତି। କୁହୁଡ଼ି ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଛି। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ପୁଲିସ୍ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା।

### ବଜେଟ ଅଧିବେଶନରେ ଗର୍ଜିବ ବିଜେଡି

# ପୁରୁଣା ସହିତ ନୂଆ ପ୍ରସଙ୍ଗରେ ସରକାରଙ୍କୁ ଘେରିବ

ଭୁବନେଶ୍ୱର,୧୮ ।୧(ସମିସ): ଆଉ କିଛି ଦିନ ପରେ ସଂସଦର ବଜେଟ ଅଧିବେଶନ ଆରମ୍ଭ ହେଉଥିବା ବେଳେ ବଡ଼ ଲଢ଼େଇ ପାଇଁ ପ୍ରସ୍ତୁତ ହେଉଛି ବିଜୁ ଜନତା ଦଳ। ସ୍ୱତନ୍ତ୍ର ରାଜ୍ୟ ପାହ୍ୟା, ପୋଲାଭରମ, ମହାନଦୀ କୋଇଲା ରୟାଲଟି ସଂଶୋଧନ ଭଳି ପ୍ରମୁଖ ପ୍ରସଙ୍ଗକୁ ନେଇ ରାଜ୍ୟସଭାରେ ସରକାରଙ୍କୁ ବିଜେଡି ସାଂସଦମାନେ ଜବାବ୍ ମାଗିବେ।

ସୂଚନା ଅନୁସାରେ, ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଖୁବଶୀଘ୍ର ବିଜେଡିର ସଂସଦୀୟ ଦଳ ବୈଠକରେ ଏନେଇ ରଣନୀତି ପ୍ରସ୍ତୁତ କରାଯିବ। ରାଜ୍ୟସଭାରେ ଗତ ଶୀତ ଅଧିବେଶନରେ ଓଡିଶାବାସୀଙ୍କ ସ୍ୱାର୍ଥ ସହ ଜଡିତ ପ୍ରସଙ୍ଗରେ ବିଜେଡି ଶାଣିତ ସ୍ୱରରେ ଲଢ଼େଇ କରିଥିଲା। ଓଡିଶାକୁ କାହିଁକି ବାରମ୍ବାର ଅଣଦେଖା କରାଯାଉଛି, ବିଜେପିଶାସିତ ରାଜ୍ୟ ପାଇଁ ଓଡିଶାର ସ୍ୱାର୍ଥକୁ କାହିଁକି ବଳି ପକାଯାଉଛି ବୋଲି ପ୍ରଶ୍ନ କରିଥିଲେ। ତାରକା, ଅଣତାରକା ପ୍ରଶ୍ନ ଜରିଆରେ ଓଡିଶାର ଦାବିକୁ ଉପସ୍ଥାନ କରିଥିଲେ ଦଳର ରାଜ୍ୟସଭା ସାଂସଦମାନେ। ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା, ଉପକୂଳ ରାଜପଥ, ପୋଲାଭରମ ପ୍ରକଳ୍ପ, କୋଇଲା ରୟାଲଟି ସଂଶୋଧନ, ବରିଷ୍ଠ ନାଗରିକ କଲ୍ୟାଣ, କୋଇଲା ଖନନ, ଓଡ଼ିଶାରେ ଏମ୍‌ଏସ୍‌ଏମ୍‌ଇ, ତେଲ ବିଶୋଧନାଗାର ଦୁର୍ଘଟଣା, ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ହୋ, ମୁଣ୍ଡାରି, ଭୂମିଜ, କୁଇ, କୋଶଲୀ ଏବଂ ସଉରା ଭାଷାକୁ ସାମିଲ କରିବା, ମହିଳାଙ୍କ ପାଇଁ ସ୍ୱାୟତ୍ତଶାସିତ ସଂସ୍ଥାରେ ୫୦ ପ୍ରତିଶତ ସଂରକ୍ଷଣ, ପୁରୀରେ ଅନ୍ତର୍ଜାତୀୟ ବିମାନ ବନ୍ଦର ପ୍ରତିଷ୍ଠା ଏବଂ ଓଡ଼ିଶାକୁ ଗ୍ୟାସ୍ ପାଇପ୍ ଲାଇନ୍ ସଂଯୋଗ ପରି ଗୋଟିଏ ପରେ ଗୋଟିଏ ଜରୁରୀ ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କୁ ଘେରିଥିଲା ଦଳ। ଆସନ୍ତା ୩୧ ତାରିଖରୁ ସଂସଦର ବଜେଟ ଅଧିବେଶନ ଆରମ୍ଭ ହେଉଥିବାରୁ ଏସବୁ ଦାବି ସହ ବିଜେଡି ସଂସଦୀୟ ବୈଠକରେ ଯେଉଁ ରଣନୀତି ପ୍ରସ୍ତୁତ କରାଯିବ ତାହାକୁ ଗୃହରେ ଉଠାଯିବ ବୋଲି ବିଜେଡି ସାଂସଦ ସୁଲତା ଦେଓ କହିଛନ୍ତି। ସବୁଥର ପରି ଏଥର ମଧ୍ୟ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ମାର୍ଗଦର୍ଶନରେ ଆମେ ସଂସଦରେ କେନ୍ଦ୍ର ସରକାରଙ୍କୁ ଜବାବ୍ ମାଗିବୁ। ଓଡିଶାକୁ ତା'ର ଅଧିକାର ଦେବା ପାଇଁ ଦାବି ଜଣାଇବୁ। ଗୃହରେ ସମସ୍ତ କାର୍ଯ୍ୟସୂଚୀରେ ସାମିଲ ହୋଇ ରାଜ୍ୟର ସ୍ୱରକୁ ଶାଣିତ କରାଯିବ ବୋଲି ସେ କହିଛନ୍ତି। ଓଡ଼ିଶାର ଅନେକ ଯୁକ୍ତି ସଂଗତ ଦାବି ପ୍ରତି କେନ୍ଦ୍ର ସରକାର କର୍ଣ୍ଣପାତ କରୁ ନଥିବା ବେଳେ ଆଗାମୀ ଅଧିବେଶନ ବେଶ୍ ସରଗରମ୍ ରହିବ ବୋଲି ଆଶା କରାଯାଉଛି।

ସୂଚନାଯୋଗ୍ୟ, ବଜେଟ ଅଧିବେଶନର ପ୍ରଥମ ପର୍ଯ୍ୟାୟ ଆସନ୍ତା ୩୧ରୁ ଫେବୃଆରୀ ୧୩ ତାରିଖ ପର୍ଯ୍ୟନ୍ତ ଓ ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୧୦ରୁ ଏପ୍ରିଲ ୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଫେବୃୟାରୀ ପହିଲାରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ବଜେଟ ଉପସ୍ଥାପନ କରିବେ ବୋଲି ଜଣାପଡିଛି।

# ଓଏଏସ ଶିକ୍ଷାନବୀଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ

ଭୁବନେଶ୍ୱର,୧୮ ।୧(ସମିସ): ଗୋପବନ୍ଧୁ ପ୍ରଶାସନିକ ଏକାଡେମୀରେ ଚାଲିଥିବା ଶିକ୍ଷାନବୀଶ(ପ୍ରୋବେସନର) ଓଡ଼ିଶା ପ୍ରଶାସନିକ ଅଧିକାରୀଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ଶନିବାର ଏକାଡେମୀ ପରିସରରେ ଅନୁଷ୍ଠିତ ଦିଗ୍‌ଦର୍ଶନ ସମାରୋହରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଯୋଗ ଦେଇ ପ୍ରଶାସନିକ ଅଧିକାରୀମାନେ ପ୍ରତ୍ୟେକ କ୍ଷେତ୍ରରେ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏହାସହ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଉପଯୁକ୍ତ ଭାବେ ସେବା ଯୋଗାଇଦେବା ପାଇଁ ନୂଆ ଜ୍ଞାନକୌଶଳ ଆପଣାଇବାକୁ ଶ୍ରୀ ଆହୁଜା ପରାମର୍ଶ ଦେଇଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଦେଓ ରଞ୍ଜନ କୁମାର ସିଂହ ଯୁବ ଅଧିକାରୀମାନଙ୍କୁ ପଢ଼ିବା ଓ ଜ୍ଞାନ ଅର୍ଜନ କରିବାର ଅଭ୍ୟାସ ଜାରି ରଖିବାକୁ ଉତ୍ସାହିତ କରିଥିଲେ। ପ୍ରାରମ୍ଭରେ ଏକାଡେମୀର ମହାନିର୍ଦ୍ଦେଶକ ଜି. ମାଥିଭଥନନ୍ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସମ୍ପର୍କରେ ଉପସ୍ଥାପନ କରିଥିଲେ। ଏହି ଅବସରରେ ମୁଖ୍ୟ ସଚିବ ଗୋପବନ୍ଧୁ ଏକାଡେମୀ ଅଫ୍ ଆଡମିନିଷ୍ଟ୍ରେସନ୍‌ରେ ସେଣ୍ଟର ଫର୍ ଗୁଡ୍ ଗଭର୍ଣ୍ଣାନ୍ସ, ଓଡ଼ିଶା (ସିଜିଜିଓ) ଦ୍ୱାରା ପ୍ରସ୍ତୁତ ଓ ସମ୍ପାଦିତ ଓଏଏସ୍ ପ୍ରୋବେସନର୍ସ (ଡିଆର୍) ୨୦୨୧ର ପୁସ୍ତକର ସମୀକ୍ଷା ସଂକଳନକୁ ଉନ୍ମୋଚନ କରିଥିଲେ। ସୂଚନାଯୋଗ୍ୟ, ଗତ କିଛି ମାସ ଧରି ଏକାଡେମୀରେ ୧୧୨ ଜଣ ଓଏଏସ ପ୍ରୋବେସନରଙ୍କୁ ତାଲିମ ଦିଆଯାଉଥିଲା।

ଏନଟୀପୀସୀ NTPC

**ଏନ ଟି ପି ସି ଲିମିଟେଡ**

(ଭାରତ ସରକାରଙ୍କ ଉଦ୍ୟମ)

**ନୋଟିସ୍**

ପଞ୍ଜିକୃତ କାର୍ଯ୍ୟାଳୟ ଠିକଣା: ଏନଟିପିସି ଭବନ, କୋର-୭, ସ୍କୋପ କମ୍ପ୍ଲେକ୍ସ, ୭-ଇନ୍‌ଷ୍ଟିଚ୍ୟୁସନାଲ ଏରିଆ, ଲୋଧି ରୋଡ, ନୂଆ ଦିଲ୍ଲୀ - ୧୧୦୦୦୩
କରପୋରେଟ୍ ପରିଚୟ ନଂ- L40101DL1975GOI007966

ଉପରୋକ୍ତ ନାମିତ ଆବେଦନକାରୀ ତା.୦୧.୦୪.୨୦୨୪ରିଖରୁ ୩୧.୦୩.୨୦୨୯ ପର୍ଯ୍ୟନ୍ତ ମୁଜାଫରପୁର ଥର୍ମାଲ ପାୱାର ଷ୍ଟେସନ, ଷ୍ଟେଜ-୨ (୨X୧୯୫ ମେଗାୱାଟ)ର ଟାରିଫ ନିର୍ଦ୍ଧାରଣ ପାଇଁ କେନ୍ଦ୍ରୀୟ ବିଦ୍ୟୁତ ବିନିୟାମକ ଆୟୋଗ (ସିଇଆରସି), ନୂଆ ଦିଲ୍ଲୀଙ୍କ ସମ୍ମୁଖରେ ଆବେଦନ କରିଅଛନ୍ତି।

୧) ଉତ୍ପାଦକ ଷ୍ଟେସନର ଲାଭାର୍ଥୀ:
କ) ବିହାର ରାଜ୍ୟ ପାୱାର ହୋଲ୍ଡିଂ କମ୍ପାନୀ ଲିମିଟେଡ୍ (ବିଏସପିଏଚସିଏଲ), ବିଦ୍ୟୁତ ଭବନ, ବେଲି ରୋଡ୍, ପାଟନା- ୮୦୦୦୨୧
ଖ) ନର୍ଥ ବିହାର ପାୱାର ଡିଷ୍ଟ୍ରିବ୍ୟୁସନ କମ୍ପାନୀ ଲିମିଟେଡ, ପ୍ରଥମ ତଳ, ବିଦ୍ୟୁତ ଭବନ, ବେଲି ରୋଡ୍, ପାଟନା-୮୦୦୦୨୧
ଗ) ସାଉଥ ବିହାର ପାୱାର ଡିଷ୍ଟ୍ରିବ୍ୟୁସନ କମ୍ପାନୀ ଲିମିଟେଡ, ପ୍ରଥମ ତଳ, ବିଦ୍ୟୁତ ଭବନ, ବେଲି ରୋଡ୍, ପାଟନା-୮୦୦୦୨୧
ଘ) ଝାଡଖଣ୍ଡ ବିଜୁଳି ବିତରଣ ନିଗମ ଲିମିଟେଡ, ଇଞ୍ଜିନିୟରିଂ ବିଲ୍ଡିଂ, ଏଚଇସି ଟାଉନସିପ, ଧୁର୍ୱା, ରାଞ୍ଚି - ୮୩୪୦୦୪
ଙ) ଗ୍ରିଡକୋ ଲିମିଟେଡ, ଜନପଥ, ଭୁବନେଶ୍ୱର - ୭୫୧୦୨୨
ଚ) ପଶ୍ଚିମବଙ୍ଗ ରାଜ୍ୟ ବିଦ୍ୟୁତ ବିତରଣ କମ୍ପାନୀ ଲିମିଟେଡ, ବିଦ୍ୟୁତ ଭବନ, ବିଧାନ ନଗର, ସଲ୍ଟ ଲେକ୍ ସିଟି, କୋଲକାତା - ୭୦୦୦୯୧
ଛ) ବିଜୁଳି ବିଭାଗ, ସିକ୍କିମ ସରକାର, କାଜି ରୋଡ, ଗାଙ୍ଗଟକ, ସିକ୍କିମ-୭୩୭୧୦୧
ଜ) ଦାମୋଦର ଭେଲି କର୍ପୋରେସନ୍ (ଡିଭିସି), ଡିଭିସି ଟାୱାର୍ସ, କୋଲକାତା, ପଶ୍ଚିମବଙ୍ଗ- ୭୦୦୦୫୪
୨. ଷ୍ଟେସନର ଉତ୍ପାଦନ କ୍ଷମତା : ୩୯୦ ମେଗାୱାଟ
୩. ପରିଯୋଜନାର ଅନୁମୋଦିତ ପୁଞ୍ଜି ମୂଲ୍ୟ: ଟ.୩୮୦୩.୨୨ କୋଟି
୪. ପ୍ରାଧିକରଣ ଯାହାର ପୁଞ୍ଜି ମୂଲ୍ୟକୁ ଅନୁମୋଦିତ କରିଛି : ସିଇଆରସି
୫. ବାଣିଜ୍ୟିକ ପ୍ରଚାଳନର ନିର୍ଦ୍ଧାରିତ ତିଥି: ପ୍ରଯୁଜ୍ୟ ନୁହେଁ
୬. ଷ୍ଟେସନର ବାଣିଜ୍ୟିକ ପ୍ରଚାଳନର ବାସ୍ତବିକ ତିଥି: ୦୧.୦୭.୨୦୧୭
୭. ଷ୍ଟେସନର ବାଣିଜ୍ୟିକ ପ୍ରଚାଳନର ତିଥିରେ ପୁଞ୍ଜି ମୂଲ୍ୟ: ପ୍ରଯୁଜ୍ୟ ନୁହେଁ
୮. ଟାରିଫର ବିବରଣୀ:

| ବିବରଣୀ | ପୂର୍ବ ବର୍ଷ ପାଇଁ ଟାରିଫ | ବର୍ଷ ଅନୁଯାୟୀ ଟାରିଫ ନିର୍ଦ୍ଧାରଣ କରାଯାଉଅଛି | | | | |
|---|---|---|---|---|---|---|
| | | 2024-25 | 2025-26 | 2026-27 | 2027-28 | 2028-29 |
| ୧. କ୍ଷମତା ପ୍ରଭାର (ଟ.ଲକ୍ଷ/ବର୍ଷ) | 72758.24 | 72435.16 | 73748.57 | 75948.20 | 78159.62 | 80910.38 |
| ୨. ଉର୍ଜା ପ୍ରଭାର (ଟ./ପ୍ରତି ୟୁନିଟ୍) | 2.948 | 3.001 | | | | |

ମାନନୀୟ ସିଇଆରସିଙ୍କ ସମ୍ମୁଖରେ ଦାଖଲ ମୁଜାଫରପୁର ଥର୍ମାଲ ପାୱାର ଷ୍ଟେସନ, ଷ୍ଟେଜ-୨ (୨X୧୯୫ ମେଗାୱାଟ) ପାଇଁ ୨୦୧୯-୨୪ ଅବଧି ହେତୁ ଟାରିଫର ଟ୍ରୁ-ଅପ ନିମନ୍ତେ ଦାୟର ଯାଚିକା ଅନୁଯାୟୀ।
୯. ଟାରିଫର ନିର୍ଦ୍ଧାରଣ ହେତୁ ଦାଖଲ ଆବେଦନ ର ଏକ କପି ଏନଟିପିସିର ୱେବସାଇଟ www.ntpc.co.in ରେ ଟ୍ୟାବ 'ନୋଟିସ୍'ର ଅନ୍ତର୍ଗତ ପ୍ରକାଶିତ ହୋଇଅଛି।
୧୦. ପିଟିସନର ଅନ୍ତର୍ଗତ ଟାରିଫ ନିର୍ଦ୍ଧାରଣ ହେତୁ ପ୍ରସ୍ତାବରେ ଲାଭାର୍ଥୀ ସହିତ କୌଣସି ବ୍ୟକ୍ତି ଦ୍ୱାରା ପ୍ରସ୍ତାବ କିମ୍ବା ଅଭିଯୋଗ, ଯଦି ଅଛି ତେବେ ସେହି ନୋଟିସ୍ ପ୍ରକାଶନର ୩୦ ଦିନ ଭିତରେ ଯାଚିକାକର୍ତ୍ତାଙ୍କୁ ଏହାର ଏକ ନକଲ ସହିତ ଆୟୋଗର ଇ-ଫାଇଲିଙ୍ଗ ପୋର୍ଟାଲ ମାଧ୍ୟମରେ ପ୍ରସ୍ତୁତ କରାଯାଇପାରିବ।

ସ୍ଥାନ: ନୋଏଡା (ଉ.ପ୍ର.) (ପ୍ରଣବ ଚତୁର୍ବେଦୀ)
ତାରିଖ: ୩୧.୧୨.୨୦୨୪ ଅତିରିକ୍ତ ମହାପ୍ରବନ୍ଧକ (ବାଣିଜ୍ୟିକ)

ବିଦ୍ୟୁତ କ୍ଷେତ୍ରରେ ଅଗ୍ରଣୀ

# କଟନୀ ଛଟନୀକୁ ନେଇ ତେଜୁଛି ଅସନ୍ତୋଷ

- ମାହାଙ୍ଗା ସମବାୟ ସମିତିରେ ତାତିଲେ ଚାଷୀ
- ଦ୍ୱିତୀୟ ବାରିରେ ଅଧାରୁ ବନ୍ଦକଲେ ଓଜନ
- ଅଧିକାରୀଙ୍କ ବୁଝାସୁଝା ପରେ ଧାନ ଉଠାଇବା ନିଷ୍ପତ୍ତି



ମାହାଙ୍ଗା,୧୮।୧(ସମିସ): ରାଜ୍ୟ ସରକାର ଧାନ ମଣ୍ଡିରେ କଟନୀ ଛଟନୀ ସମ୍ପୂର୍ଣ୍ଣ ବନ୍ଦ ପାଇଁ ଘୋଷଣା କରିଥିବା ବେଳେ ବାସ୍ତବ କ୍ଷେତ୍ରରେ ତାହାର ବିପରୀତ ଦେଖାଯାଇଛି। ଯାହାକୁ ନେଇ ଚାଷୀ ଆନ୍ଦୋଳନ ସହ ଅସନ୍ତୋଷ ପ୍ରକାଶ ପାଇବାରେ ଲାଗିଛି। ଏଭଳି ଘଟଣା ଦେଖିବାକୁ ମିଳିଛି କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଅଞ୍ଚଳରେ ଥିବା ସମବାୟ ସମିତି ମଣ୍ଡିଗୁଡିକରେ। ବିଶେଷ କରି ମଣ୍ଡିଗୁଡିକରେ ୫ କିଲୋରୁ ୬ କିଲୋରୁ ଉର୍ଦ୍ଧ୍ୱ ମନଇଚ୍ଛା କଟନୀ ଛଟନୀ କରାଯାଉଥିବା ବେଳେ ରାଜ୍ୟର ଅନ୍ୟ ଜିଲ୍ଲା ମାନଙ୍କରେ ଝୋଟ ଅଖା ବଦଳରେ ଜାରି ଅଖାରେ ଧାନ ଦିଆଯାଉଥିବା ବେଳେ ବିଶେଷ କରି କଟକ ଜିଲ୍ଲା ମାହାଙ୍ଗା ବ୍ଲକରେ ଝୋଟ ଅଖାରେ ଧାନ ଦିଆଯାଉଥିବାରୁ ଚାଷୀମାନେ ଜରି ଅଖାରେ ଧାନ ଦେବା ପାଇଁ ଦାବି କରିଥିଲେ। ପ୍ରକାଶ ଯେ ଆଜି ମାହାଙ୍ଗା ସମବାୟ ସମିତି ମଣ୍ଡିରୁ ଧାନ କ୍ରୟ କରାଯାଉଥିବା ବେଳେ ଚାଷୀଙ୍କୁ ଧାନ କ୍ୱିଣ୍ଟାଲ ପିଛା ୬ କିଲୋରୁ ଉର୍ଦ୍ଧ୍ୱ କଟଣି ଛଟଣି କରାଯାଇଥିଲା। ଏହି ମଣ୍ଡିର ଦ୍ୱିତୀୟ ବାରି ଥିବା ବେଳେ ଧାନ ଉଠାଣ ଚାଲିଥିବା ବେଳେ କେତେକ ଚାଷୀ କଟଣି ଛଟଣି ନେଇ ଅଭିଯୋଗ କରିଥିଲେ। ଏହା ପରେ ପାଟି ତୁଣ୍ଡ ହୋ ହାଲ୍ଲା ସହ ଉଠାଣ ବନ୍ଦ ରହିଥିଲା। ଦୀର୍ଘ ୬ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ମଣ୍ଡିରେ ଧାନ ଉଠାଣ ବନ୍ଦ ରହିବା ପରେ ସ୍ଥାନୀୟ ତହସିଲଦାର ସୁଶାନ୍ତ ମିଶ୍ର, ବିଡିଓ ସନ୍ତୋଷ ଜେନା, ମାହାଙ୍ଗା ଥାନା ଏଏସଆଇ ରାକେଶ ଖୁଣ୍ଟିଆ ପ୍ରମୁଖ ସେଠାରେ ପହଞ୍ଚି ଉତ୍ତ୍ୟକ୍ତ ଚାଷୀଙ୍କୁ ବୁଝାସୁଝା କରିବା ପରେ କୁଇଣ୍ଟାଲ ପ୍ରତି ୫ କିଲୋ କଟା ଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହା ପରେ ଚାଷୀମାନେ ଧାନ ଦେବା ପାଇଁ ରାଜି ହୋଇଥିଲେ।

# ମୁଣ୍ଡକରା ପାହାଡ଼ ଯଜ୍ଞର ପ୍ରସ୍ତୁତି



ଟାଙ୍ଗୀ, ୧୮।୧(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ଗରୁଡ଼ଗାଁ ପଞ୍ଚାୟତ ତୁଳସୀପୁର ସ୍ଥିତ ମୁଣ୍ଡକରା ପାହାଡ଼ ଆଶ୍ରମରେ ହେବାକୁ ଥିବା ଯଜ୍ଞର ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ କୈଳାସଚନ୍ଦ୍ର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆବାହକ ପ୍ରମୋଦ ଜଟ ଆସନ୍ତା ଫେବୃଆରୀ ୪ରୁ ୬ତାରିଖ ପର୍ଯ୍ୟନ୍ତ ପ୍ରସିଦ୍ଧିପ୍ରାପ୍ତ ପଣ୍ଡିତଙ୍କ ଦ୍ୱାରା ଯଜ୍ଞ ହେବ ବୋଲି ସୂଚନା ଦେଇଥିଲେ। ବିଭିନ୍ନ ଦିବସର ସନ୍ଧ୍ୟାରେ ବାବାଜୀ ଅମୃତାନନ୍ଦ ଦାସ ମହାରାଜଙ୍କ ଦ୍ୱାରା ପ୍ରବଚନ, ସଙ୍କୀର୍ତ୍ତନ ଓ କୁନି କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବୈଠକରେ ମଙ୍ଗୁଳି ସ୍ୱାଇଁ, ମଧୁସୂଦନ ବେହେରା, ଅଭିମନ୍ୟୁ ଜେଠୀ, ଅଶୋକ ମଲ୍ଲିକ, ମାଧବ ମହାନ୍ତି, ଚକ୍ରଧର ନାୟକ, ଶଶାଙ୍କ ରାଉତ, କୁମର ପ୍ରଧାନ ଓ ବାବାଜୀ ସାହାଣୀଙ୍କ ସମେତ ବୁଦ୍ଧିଜୀବୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଚୌଦ୍ୱାର ସାହିତ୍ୟ ସଂସଦର ବାର୍ଷିକୋତ୍ସବ



ଚୌଦ୍ୱାର,୧୮।୧(ସମିସ): ଚୌଦ୍ୱାର ସାହିତ୍ୟ ସଂସଦର ୪୮ତମ ପ୍ରତିଷ୍ଠା ଦିବସ ଓ ବ୍ୟାସକବି ଜୟନ୍ତୀ କପାଳେଶ୍ୱର ଶ୍ରୀସାଇ ବିହାରସ୍ଥିତ ରୋଟାରୀ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ବିଶ୍ୱକଲ୍ୟାଣ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ କେନ୍ଦ୍ର ସାହିତ୍ୟ ଏକାଡେ଼ମୀ ପୁରସ୍କାରପ୍ରାପ୍ତ ସାରସ୍ୱତ ସାଧକ ପ୍ରଫେସର ବୈଷ୍ଣବ ଚରଣ ସାମଲ ମୁଖ୍ୟଅତିଥି, ମୁଖ୍ୟବକ୍ତା ରାଷ୍ଟ୍ରଦୀପର ପ୍ରାକ୍ତନ ସଂପାଦକ ଜଗବନ୍ଧୁ ମିଶ୍ର ଯୋଗ ଦେଇଥିଲେ। ଏହି ଅବସରରେ ନାଟ୍ୟକାର ଡ. ବୈଜୟନ୍ତୀ ମିଶ୍ରଙ୍କୁ 'ଚୌଦ୍ୱାର ସାହିତ୍ୟ ସଂସଦ ସମ୍ମାନ' ଓ ଅନୁବାଦିକା ସବିତା ବାରିକ ରାଉତଙ୍କୁ 'ବନମାଳୀ ଦାସ ସାରସ୍ୱତ ସମ୍ମାନ' ପ୍ରଦାନ କରାଯାଇଥିଲା। ଗାଳ୍ପିକା ଜ୍ୟୋତ୍ସ୍ନାବାଳା ଦେବୀଙ୍କ ରଚିତ ଗଳ୍ପ ସଂକଳନ 'ନାୟିକାର ନାଁ କଇଁ' ଉନ୍ମୋଚିତ ହୋଇଥିଲା। ସଂସଦର ଉପସଭାପତି ଶରତ ଖୁଣ୍ଟିଆଙ୍କ ପୌରହିତ୍ୟରେ ତଥା କାର୍ଯ୍ୟକାରୀ ସଭାପତି ଶ୍ରୀନିବାସ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ୩୦ରୁ ଉର୍ଦ୍ଧ୍ୱ କବି ସ୍ୱରଚିତ କବିତା ପାଠ କରିଥିଲେ। ସଂପାଦକ ଦିବ୍ୟଜ୍ୟୋତି ପାଣି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଯୁଗ୍ମ ସଂପାଦିକା ସରିତା ଦାସ ଓ କବୟିତ୍ରୀ ରୀନା ମାନସିଂହ ମାନପତ୍ର ପାଠ କରିଥିଲେ। କୋଷାଧ୍ୟକ୍ଷ ଅକ୍ଷୟ ମିଶ୍ର, ଭାସ୍କର ପ୍ରସାଦ ମହାପାତ୍ର, ଅନିତା ସାହୁ ପରିଚାଳନା କରିଥିଲେ। ସଂଗଠନ ସଂପାଦକଚନ୍ଦ୍ର ପ୍ରକାଶ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ସୂର୍ଯ୍ୟନନ୍ଦିନୀ ସାମାଜିକ ଅନୁଷ୍ଠାନର ବାର୍ଷିକ ଉତ୍ସବ

ମାହାଙ୍ଗା, ୧୮।୧ (ସମିସ): ମାହାଙ୍ଗା ବ୍ଲକ ଭେଡା ପଞ୍ଚାୟତର ଲାପ ଟୁଆଁଠାରେ ସୂର୍ଯ୍ୟନନ୍ଦିନୀ ସାମାଜିକ ଅନୁଷ୍ଠାନର ଅଷ୍ଟମ ବାର୍ଷିକ ଉତ୍ସବ ଅନୁଷ୍ଠାନର ସମ୍ପାଦିକା ସରସ୍ୱତୀ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ସାଂସଦ ତଥା ବିଧାୟକ ସୌମ୍ୟାରଞ୍ଜନ ପଟ୍ଟନାୟକ ନିର୍ଭୟରେ ପ୍ରଶ୍ନ ପଚାରିବା ଦ୍ୱାରା ସତ୍ୟର ସାମ୍ନା ହୋଇପାରିବ ବୋଲି କହିଥିଲେ। ସେହିପରି ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଗମନାଗମନର ବିକାଶ ଉପରେ ଗୁରୁତ୍ୱ ଦିଆଯିବ ବୋଲି କହିଥିଲେ। ନୂଆଦିଲ୍ଲୀର କିଶୋର ଦେବୀ ଦତ୍ତ, ପୃଥ୍ୱୀମାନ ପ୍ରତାପ ସିଂହ, ଶିକ୍ଷାବିତ ଡ. ପୂର୍ଣଚନ୍ଦ୍ର ମଲିକ, ସମ୍ମାନିତ ବକ୍ତା ଗୋଲକ ମହାପାତ୍ର, ଡ. ଶ୍ୟାମାପ୍ରସାଦ ମୁଖାର୍ଜୀ, ଡାକ୍ତର ସୂର୍ଯ୍ୟପ୍ରକାଶ ଚୌଧୁରୀ ଯୋଗ ଦେଇଥିଲେ। ସାଗର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହ ସଫଳ ଚାଷୀ, କଣ୍ଠଶିଳ୍ପୀ ଓ ବହୁ ବିଶିଷ୍ଟ ବ୍ୟକ୍ତିଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଉଥିଲା। ଲଲାଟ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

## ୨୦ରୁ ଅକ୍ଷୟ ମଲ୍ଲିକ ସ୍ମାରକୀ ସର୍ବଭାରତୀୟ ଫୁଟବଲ

ତିଗିରିଆ,୧୮।୧(ସମିସ): ବରିଷ୍ଠ ଶ୍ରମିକ ନେତା ସ୍ୱର୍ଗତ ଅକ୍ଷୟ ମଲ୍ଲିକଙ୍କ ନାମରେ ନାମିତ ଅକ୍ଷୟ ମଲ୍ଲିକ ସ୍ମାରକୀ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆସନ୍ତା ୨୦ ତାରିଖରୁ ଆରମ୍ଭ ହେବା ନେଇ ଆୟୋଜନକାରୀ ଅନୁଷ୍ଠାନ ଆସୋସିଏସନ ଦିବ୍ୟଜ୍ୟୋତି ପକ୍ଷରୁ ସୂଚନା ମିଳିଛି। ଚଳିତ ବର୍ଷର ଟୁର୍ଣ୍ଣାମେଣ୍ଟରେ ରାଜ୍ୟ ତଥା ରାଜ୍ୟ ବାହାରୁ ୧୨ଟି ଦଳ ଅଂଶଗ୍ରହଣ କରୁଥିବା ତଥା ପାଞ୍ଚଗାଁସ୍ଥିତ ମିନି ଷ୍ଟାଡିୟମରେ ଏହି ଟୁର୍ଣ୍ଣାମେଣ୍ଟର ସମସ୍ତ ଖେଳ ଅନୁଷ୍ଠିତ ହେବ ବୋଲି ଆସୋସିଏସନ ଦିବ୍ୟଜ୍ୟୋତି ସମ୍ପାଦକ ତପନ ପ୍ରଧାନ ସୂଚନା ଦେଇଛନ୍ତି।

## ୧୯୮୧ ବ୍ୟାଚ୍ ବିଦ୍ୟାର୍ଥୀଙ୍କ ବୈଠକ



ନିଶ୍ଚିନ୍ତକୋଇଲି,୧୮।୧(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ ଉତ୍ତରକୂଳଠାରେ ଥିବା ବାପୁଜୀ ସ୍ମାରକୀ ସରକାରୀ ଉଚ୍ଚ ବିଦ୍ୟାଳୟ ୧୯୮୧ ମାଟ୍ରିକ ବ୍ୟାଚର ଏକ ବନ୍ଧୁମିଳନ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ଦୀର୍ଘ ୪୩ ବର୍ଷ ପରେ ବିଦ୍ୟାଳୟ ଜୀବନର ସହପାଠୀମାନେ ପରସ୍ପରକୁ ଦେଖି ବେଶ୍ ଉତ୍ସାହିତ ହୋଇଥିଲେ। ଛାତ୍ର ନରେଶ ଦାସ, ସୁନାକର ସାହାଣୀ ଓ ଶରତ ସାହାଣୀଙ୍କ ସଂଯୋଜନାରେ ଏଥିରେ ବହୁ ଛାତ୍ରଛାତ୍ରୀ ଯୋଗଦେଇ ସ୍କୁଲ ଜୀବନର ସ୍ମୃତି ଓ ଅନୁଭୂତିକୁ ମନେ ପକାଇଥିଲେ। ପ୍ରାରମ୍ଭରେ ଦିବଂଗତ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ୧ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ପରେ ସ୍କୁଲ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀ ଓ ମେଧାବୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରମୋଦ ସାହୁ, ରଣଜିତ୍ ଦାସ, ସୁଧାକର ମିଶ୍ର, ଭବାନୀ ଶତପଥୀ, ସଂଘମିତ୍ରା ମହାନ୍ତି, ରେଣୁବାଳା ସାହୁଙ୍କ ସମେତ ୫୦ରୁ ଅଧିକ ବିଦ୍ୟାର୍ଥୀ ଯୋଗ ଦେଇଥିଲେ।

## ବ୍ଲକ୍ ପ୍ରଧାନଶିକ୍ଷକଙ୍କ ସମୀକ୍ଷା ବୈଠକ

ତିଗିରିଆ,୧୮।୧(ସମିସ): ତିଗିରିଆ ବ୍ଲକର ପ୍ରଧାନ ଶିକ୍ଷକଙ୍କୁ ନେଇ ଏକ ସମୀକ୍ଷା ବୈଠକ ଗୁରୁବାର କୁମ୍ଭିପୁଟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ ସିଂଗୋ ହାଁସଦାଙ୍କ ପୋରହିତ୍ୟରେ ଆୟୋଜିତ ବୈଠକରେ ବ୍ଲକର ସମସ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଏବଂ ଉଚ୍ଚ ବିଦ୍ୟାଳୟର ସମସ୍ତ ପ୍ରଧାନଶିକ୍ଷକଙ୍କ ସମେତ ସମସ୍ତ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକମାନେ ଯୋଗଦେଇଥିଲେ। ଶିକ୍ଷା କ୍ଷେତ୍ରରେ ତିଗିରିଆ ବ୍ଲକକୁ ଜିଲ୍ଲାସ୍ତରରେ ୧ନଂ କରିବା କରିବା ନେଇ ସଂକଳ୍ପ ଗ୍ରହଣ କରାଯାଇଛି। କାର୍ଯ୍ୟକ୍ରମକୁ ବ୍ଲକ ଶିକ୍ଷାଧିକାରୀ ଶ୍ରୀମତୀ ହାଁସଦା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସାଧନ କେନ୍ଦ୍ର ସଂଯୋଜକ ଚନ୍ଦ୍ରକାନ୍ତ ମିଶ୍ର, ପ୍ରଭାତ ପଣ୍ଡା, ପ୍ରମୋଦ ଗୋଛି, ସଚ୍ଚିଦାନନ୍ଦ ରାଉଳ, ଗଙ୍ଗାଧର ସାମଲ, ଚନ୍ଦ୍ରମଣୀ ସ୍ୱାଇଁ, ଭକ୍ତ ଚରଣ ନାୟକ ପ୍ରମୁଖ ଉପସ୍ଥିତ ରହି ବିଦ୍ୟାଳୟରେ ଆୟୋଜିତ ଶୈକ୍ଷିକ ଓ ଅଣଶୈକ୍ଷିକ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସଂପାଦନ କରିବାକୁ ପ୍ରଧାନଶିକ୍ଷକଙ୍କୁ ଉତ୍ସାହିତ କରିଥିଲେ।

## ସ୍ୱାସ୍ଥ୍ୟସେବା ଶିବିର

କନ୍ଦରପୁର,୧୮।୧(ସମିସ): ମାନସିକ ବିକାରଗ୍ରସ୍ତ, ଭିନ୍ନକ୍ଷମ ଓ ବରିଷ୍ଠ ନାଗରିକଙ୍କ ପାଇଁ ଉଦ୍ଦିଷ୍ଟ ୧୦୦ଦିନିଆ ବିଭିନ୍ନ ସ୍ୱାସ୍ଥ୍ୟସେବା ଓ ପରୀକ୍ଷା ନିରୀକ୍ଷା କାର୍ଯ୍ୟକ୍ରମ ଅନ୍ତର୍ଗତ ବିଭିନ୍ନ ହସ୍ପିଟାଲର ଅଭିଜ୍ଞ ଡାକ୍ତରଙ୍କ ସହଯୋଗରେ ଆମ୍ବିଳିଝରିସ୍ଥିତ ଜନନୀ ଆଶ୍ରମରେ ଏକ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଗତକାଲି ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୫ ଜଣ ମାନସିକ ବିକାରଗ୍ରସ୍ତ ଅନ୍ତେବାସୀଙ୍କ ରକ୍ତ, ଟିବି, କଫ ଓ ହୃଦୟ ସ୍ପନ୍ଦନ ପରୀକ୍ଷା କରାଯାଇଥିବାବେଳେ ଅନ୍ତେବାସୀଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ଡ. ବିଜୟାଲକ୍ଷ୍ମୀ ମ୍ୟାଡାମ, ଡ. ସୁବ୍ରତ ପଣ୍ଡା, ଡ. ନିର୍ମଳ ସାହୁ, ସୁପ୍ରଭା ବାରିକ, ବନଲତା ଦାସ, ଦିଲ୍ଲୀପ ସାମଲ, ଝିନା ବିଶ୍ୱାଳ, ଦିପ୍ତିମୟୀ ସାହୁ ଓ ମଳୟ ରାଉତ ପ୍ରମୁଖ ପ୍ରଭୃତି ୨୦ରୁ ଉର୍ଦ୍ଧ୍ୱ ଷ୍ଟାଫ ଉପସ୍ଥିତ ରହି ସହଯୋଗ କରିଥିଲେ। ଆଶ୍ରମ ପ୍ରତିଷ୍ଠାନର ପରିଚାଳିକା ସଂଯୁକ୍ତା ଭାରତୀୟା, ଲୋଭାବତୀ ସାହୁ, ପ୍ରଦୀପ୍ତ ପରିଡା, ସାମ୍ବାଦିକ ଚନ୍ଦନ ମହାନ୍ତିଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା।

## ମହାବିଦ୍ୟାଳୟରେ ଇଂରାଜୀ ବିଭାଗର ଆଲୋଚନାଚକ୍ର



ନରସିଂହପୁର,୧୮।୧(ସମିସ): ନରସିଂହପୁର ମହାବିଦ୍ୟାଳୟର ଇଂରାଜୀ ବିଭାଗ ଆନୁକୂଲ୍ୟରେ ଏକ ଆଲୋଚନାଚକ୍ର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୟ ମିଶ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରାକ୍ତନ ଅଧ୍ୟାପକ ଡ. ପ୍ରଫୁଲ୍ଲ ସାହୁ, ସମ୍ମାନିତ ଅତିଥିଭାବେ ଅଧ୍ୟାପକ ଡ.ଦେବେନ୍ଦ୍ର ନାରାୟଣ ପତ୍ରୀ, ପ୍ରଦୀପ୍ତ ମହାରଣା, ଶିବ ପ୍ରସାଦ ମିଶ୍ର, ସଞ୍ଜୟ ପାଣିଗ୍ରାହୀ, ଅଧ୍ୟାପିକା କଲ୍ୟାଣୀ ସାହୁ, ରଚିତା ସ୍ୱାଇଁ ଇଂରାଜୀ କବିତା ଓ ମାନବଜାତି ସମ୍ପର୍କିତ ଆଲୋଚନା କରିଥିଲେ। ଇଂରାଜୀ ଅଧ୍ୟାପିକା ସ୍ୱାଗତିକା ସାମନ୍ତରାୟ ସଂଯୋଜନା କରିବା ସହ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା କରାଇଥିଲେ। ଏଥିରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

## ଗୋପାଳ ସ୍ମୃତି ବିଦ୍ୟାପୀଠ ଛାତ୍ରଛାତ୍ରୀଙ୍କ ସମାବେଶ

କନ୍ଦରପୁର,୧୮।୧(ସମିସ): ଗୋପାଳ ସ୍ମୃତି ବିଦ୍ୟାପୀଠ ସିଦ୍ଧେଶ୍ୱରପୁର ୧୯୬୯ ମାଟ୍ରିକ ବ୍ୟାଚ ଛାତ୍ରଛାତ୍ରୀଙ୍କ ସଭା କଟକ ସଦର ବ୍ଲକ ଅନ୍ତର୍ଗତ ଅଥଙ୍ଗାସ୍ଥିତ ମା' କୁଳେଇସୁଣୀଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ତ୍ରୈଲୋକ୍ୟନାଥ ଜେନା, ହେମନ୍ତ କୁମାର ଦାସ, ଲିଙ୍ଗରାଜ ହୋତା, ଗୌରାଙ୍ଗ ଶତପଥୀ, ପ୍ରଫୁଲ୍ଲଚନ୍ଦ୍ର କର, ରବୀନ୍ଦ୍ରନାଥ ଭୋଇ, ତ୍ରୈଲୋକ୍ୟନାଥ ରାଉତରାୟ, ସତ୍ୟଭାମା ବିଶ୍ୱାଳ, ଜାନକୀ ସ୍ୱାଇଁ, ପ୍ରମିଳା ଷଡ଼ଙ୍ଗୀ, ବିରେନ୍ଦ୍ରନାଥ ଦାସ, ନେତ୍ରାନନ୍ଦ ତରାଇ, ରାଧାଶ୍ୟାମ ଭୂୟାଁ, ବିଜୟରାମ ବେଉରା, ଫକିର ଦ୍ୱିବେଦୀ, ଚନ୍ଦ୍ରମଣି ଦାଶ, ରବୀନ୍ଦ୍ର ସାହୁ, ନନ୍ଦକିଶୋର ରାଉଳ, ଭାରତଚନ୍ଦ୍ର ମାଝୀ, ପ୍ରସନ୍ନ ପାତ୍ର, ଦୋଳଗୋବିନ୍ଦ ଲେଙ୍କା ମୋଟ୍ ୨୭ ଜଣ ପୁରାତନ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ପ୍ରଫେସର ହେମନ୍ତ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୋ ସ୍କୁଲ ଅଭିଯାନ ମାଧ୍ୟମରେ ସରକାରଙ୍କୁ ସହଯୋଗ କରିବାକୁ ସମସ୍ତେ ଅଙ୍ଗୀକାର ବଦ୍ଧ ହୋଇଥିଲେ। ସାହିତ୍ୟିକ ହେମନ୍ତ ଦାସ, ପ୍ରାବନ୍ଧିକ ବିଜୟରାମ ବେଉରା ଏବଂ କବୀ ଜାନକୀ ସ୍ୱାଇଁ ସ୍ୱରଚିତ କବିତା ପାଠ କରିଥିଲେ।

## ସୁକରପଡ଼ା ଉପ୍ରା ସ୍କୁଲର ପୁରସ୍କାର ବିତରଣ ଉତ୍ସବ



ନିଶ୍ଚିନ୍ତକୋଇଲି,୧୮।୧(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ସୁକରପଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ମହମ୍ମଦ ଅଲ୍ଲିମ ଖାଁଙ୍କ ପୌରହିତ୍ୟରେ ଏହି କାର୍ଯ୍ୟକ୍ରମକୁ ସରପଞ୍ଚ ମନୋଜ ମଲ୍ଲିକ ଉଦଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ବିଇଓ ଲକ୍ଷେହୀରା ଲାବଣ୍ୟବତୀ ବେହେରା, ସମ୍ମାନିତ ଅତିଥିଭାବେ ପ୍ରଶିକ୍ଷକ ଜଗବନ୍ଧୁ ବେହେରା, ସମିତିସଭ୍ୟା ଅନ୍ନପୂର୍ଣ୍ଣା ମଲ୍ଲିକ, ସିଆରସିସି ମହାମେଘବାହନ ସ୍ୱାଇଁ, ପ୍ରାକ୍ତନ ପ୍ରଧାନଶିକ୍ଷକ ସୌଭାଗ୍ୟ ବରାଳ, ପୂର୍ବତନ ସରପଞ୍ଚ ମୃତ୍ୟୁଞ୍ଜୟ ସ୍ୱାଇଁ, ପୂର୍ବତନ ସମିତିସଭ୍ୟ କଲାମୁଦ୍ଦିନ୍ ଖାଁ, ସମାଜସେବୀ ସୁବାଷ ସ୍ୱାଇଁ, ସ୍କୁଲ ପରିଚାଳନା କମିଟି ସଭାପତି ମହେନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ସାଇନା ପ୍ରିୟଦର୍ଶିନୀ ମଲ୍ଲିକ, ଶୁଭମ୍ ସାଇ ମଲ୍ଲିକ, ଭୋଳା ମଲ୍ଲିକ, ଲକ୍ଷ୍ମିପ୍ରିୟା ଦାସ, ସେକ ସଦାମୁଦ୍ଦିନ୍, ସ୍ମୃତି ଭୋଇଙ୍କୁ ଚାମ୍ପିଅନ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷକ ପ୍ରଭାତ ଦାସ, ସୁଶାନ୍ତ ମାଝୀ, ଅନୁରିତା ଶତପଥୀ, ସଞ୍ଜିତା ଖାନମ୍, ତନ୍ମୟୀ ସେଠୀ, ଲକ୍ଷ୍ମୀପ୍ରିୟା ଭୋଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଲକ୍ଷପତି ଦିଦି ତାଲିମ ଶିବିର

ତିଗିରିଆ, ୧୮।୧(ସମିସ): ରାଜ୍ୟ ସରକାରଙ୍କ ଜୀବିକା ମିଶନ (ମିଶନ ଶକ୍ତି) ବିଭାଗ ପକ୍ଷରୁ ତିଗିରିଆ ବ୍ଲକ ପୁରୁଣା ତିଗିରିଆ ପଞ୍ଚାୟତସ୍ଥିତ କଲ୍ୟାଣ ମଣ୍ଡପରେ ଦୁଇଦିବସୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବିପିଏମ ପ୍ରଦୀପ ସିଂହଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଶିବିରରେ ମୁଖ୍ୟଅତିଥି ବ୍ଲକ ଅଧ୍ୟକ୍ଷା ସଂଧାରାଣୀ ନାୟକଙ୍କ ସହ ବିଏଲସି ଧର୍ମରାଜ ଜେନା, ବିଶ୍ୱଜିତ୍ ସାହୁ, ଦକ୍ଷ ନଥିପତ୍ର ଲେଖିକା ଜ୍ୟୋତିର୍ମୟୀ ରଣା, ପଞ୍ଚାୟତସ୍ତରୀୟ ମହାସଂଘ ସଭାପତି ମିରାରାଣୀ ସାମଲ, ସଂପାଦିକା ଆଶାଲତା ବେହେରା, ବ୍ୟାଙ୍କ ମିତ୍ର ରୋଜାଲିନ୍ ବସ୍ତିଆ ପ୍ରମୁଖ ଯୋଗଦେଇଥିଲେ। ଚଷାଆଁରା ଗ୍ରାମର ଗୋଷ୍ଠୀ ସହାୟିକା ନଳିନୀ ସ୍ୱାଇଁ ପ୍ରଶିକ୍ଷକ ଥିଲେ।

## ଆତ୍ମରକ୍ଷା କୌଶଳ ସୁରକ୍ଷା ଶିବିର ଉଦ୍‌ଘାଟିତ

ଟାଙ୍ଗୀ,୧୮।୧(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ଗରୁଡ଼ଗାଁ ପଞ୍ଚାୟତ ବିଶ୍ୱନାହାକାଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଆତ୍ମରକ୍ଷା କୌଶଳ ସୁରକ୍ଷା ଶିବିର ଉଦଘାଟିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ଡ଼ ସଚ୍ଚିଦାନନ୍ଦ ପ୍ରଧାନ ଉକ୍ତ ଶିବିରକୁ ଉଦଘାଟନ କରି ଆଜିର ବାଳିକା ଆସନ୍ତାକାଲିର ନାରୀ। ଏଥିପାଇଁ ମହିଳାମାନଙ୍କ ସୁରକ୍ଷା ସମସ୍ତଙ୍କ ଦାୟିତ୍ୱ ଉପରେ ଆଲୋକପାତ କରିଥିଲେ। ପ୍ରଶିକ୍ଷିକା ଭାବେ ଜୟନ୍ତୀ ମହାନ୍ତ ଓ ସଂଗୀତା ଦାସ ପ୍ରମୁଖ ଯୋଗଦାନ କରି ବାଳିକାଙ୍କ ଆତ୍ମରକ୍ଷା କୌଶଳ ସୁରକ୍ଷା ଉପରେ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି। ଉକ୍ତ ପ୍ରଶିକ୍ଷଣ ଆସନ୍ତା ୨୫ ତାରିଖରେ ଶେଷ ହେବ ବୋଲି ଜଣାପଡିଛି। ନୋଡାଲ ଅଧିକାରୀ ଅଭୟ ମହାନ୍ତି ସଂଯୋଜନା କରିଥିଲାବେଳେ ବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀମାନେ ସହଯୋଗ କରିଥିଲେ।

■ ପୁଷ୍ୟାଭିଷେକ ମହୋତ୍ସବର ଷଷ୍ଠ ସନ୍ଧ୍ୟା

# ମାଗଣା ବ୍ୟବସ୍ଥା ଯୋଗୁଁ ଚର୍ଚ୍ଚାରେ କୋଟସାହି



ଟାଙ୍ଗୀ,୧୮।୧(ସମିସ): ପ୍ରସିଦ୍ଧ ପୁଷ୍ୟାଭିଷେକ ମହୋତ୍ସବର ଷଷ୍ଠ ସନ୍ଧ୍ୟାରେ ମଦନମୋହନ ସାହି ମଞ୍ଚ ପକ୍ଷରୁ ଧଉଳି ଗଣନାଟ୍ୟ ଆନୁକୂଲ୍ୟରେ "ସାଇଲେଣ୍ଟ କିଲର', ହାଟସାହି ମଞ୍ଚ ପକ୍ଷରୁ ସ୍ୱପ୍ନ ମହଲ ଆନୁକୂଲ୍ୟରେ "କାଳ ବୈଶାଖୀ', ମଠସାହି ମଞ୍ଚରେ ସୂର୍ଯ୍ୟମନ୍ଦିର ପକ୍ଷରୁ "ହାଇଦର' ଓ କୋଟସାହି ମଞ୍ଚ ପକ୍ଷରୁ କଳିଙ୍ଗ ଗଣନାଟ୍ୟ ଆନୁକୂଲ୍ୟରେ "କାନ୍ଦେ ନାରେ ବାଇଆମନ' ମଞ୍ଚସ୍ଥ ହୋଇଛି। ତେବେ ୩ଟି ମଞ୍ଚ ଯାତ୍ରା ଉପଭୋଗ ନିମନ୍ତେ ଟିକେଟ୍ ବ୍ୟବସ୍ଥା କରିଥିବାବେଳେ କୋଟସାହିସ୍ଥିତ କୋଟେଶ୍ୱର ସାଂସ୍କୃତିକ ଅନୁଷ୍ଠାନ ଚଳିତବର୍ଷଠାରୁ ମାଗଣା ବ୍ୟବସ୍ଥା ଲାଗୁ କରି ଚର୍ଚ୍ଚାକୁ ଆସିଛି। ପଞ୍ଚମ ସନ୍ଧ୍ୟାରେ ଶୁକ୍ରବାର କୋଟେଶ୍ୱର ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଉଦଘାଟନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ମୁରବୀ ବାବାଜୀ ଚରଣ ମହାନ୍ତିଙ୍କ ପୌରହିତ୍ୟରେ ଆୟୋଜିତ ଉତ୍ସବରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟ ଅତିଥି, ଟେଟ୍ରାହେଡ୍ରନ୍ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ସ ଅଧ୍ୟକ୍ଷ ତ୍ରିଦେବ ବେହେରା, ବରିଷ୍ଠ ନାଗରିକ ବିଜୟ ମହାନ୍ତି, ପବିତ୍ର ସ୍ୱାଇଁ, ଟାଙ୍ଗୀ ଥାନା ସହ ଆରକ୍ଷୀ ନିରୀକ୍ଷକ ହେମନ୍ତ ସାମଲ, ସାମାଜିକ କର୍ମୀ ବିଚିତ୍ରାନନ୍ଦ ସ୍ୱାଇଁ ଓ ଯୁବନାଟ୍ୟ ନିର୍ଦ୍ଦେଶକ ଆଶିଷ ଷଡ଼ଙ୍ଗୀ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର କର୍ମକର୍ତ୍ତାମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ବିନା ଟିକେଟରେ ଯାତ୍ରା ଉପଭୋଗ ବିଷୟ ଘୋଷଣା କରାଯାଇଥିଲା।

## ଏନ ଟି ପି ସି ଲିମିଟେଡ
ଏନଟୀପୀସୀ NTPC
(ଭାରତ ସରକାରଙ୍କ ଉଦ୍ୟମ)

**ନୋଟିସ୍**
ପଞ୍ଜିକୃତ କାର୍ଯ୍ୟାଳୟ ଠିକଣା: ଏନଟିପିସି ଭବନ, କୋର-୭, ସ୍କୋପ କମ୍ପ୍ଲେକ୍ସ, ୭-ଇଣ୍ଟିଟ୍ୟୁସନାଲ ଏରିଆ, ଲୋଧି ରୋଡ, ନୂଆ ଦିଲ୍ଲୀ - ୧୧୦୦୦୩
କରପୋରେଟ୍ ପରିଚୟ ନଂ- L40101DL1975GOI007966

ଉପରୋକ୍ତ ନାମିତ ଆବେଦନକାରୀ ତା.୦୧.୦୪.୨୦୨୪ଠାରୁ ୩୧.୦୩.୨୦୨୯ ପର୍ଯ୍ୟନ୍ତ କହଲଗାଁ ସୁପର ଥର୍ମାଲ ପାୱାର ଷ୍ଟେସନ, ଷ୍ଟେଜ- ୨ (୧୫୦୦ ମେଗାୱାଟ୍)ର ଟାରିଫ ନିର୍ଦ୍ଧାରଣ ପାଇଁ କେନ୍ଦ୍ରୀୟ ବିଦ୍ୟୁତ ନିୟାମକ ଆୟୋଗ (ସିଇଆରସି), ନୂଆ ଦିଲ୍ଲୀଙ୍କ ସମ୍ମୁଖରେ ଆବେଦନ କରିଛନ୍ତି।

**୧. ଉତ୍ପାଦକ ଷ୍ଟେସନର ଲାଭାର୍ଥୀ:**
କ) ଗ୍ରିଡ୍‌କୋ ଲିମିଟେଡ୍, ୨୪, ଜନପଥ, ଭୁବନେଶ୍ୱର - ୭୫୧୦୦୭
ଖ) ଗୁଜରାଟ ଉର୍ଜା ବିକାଶ ନିଗମ୍ ଲିମିଟେଡ୍, ସରଦାର ପଟେଲ୍ ବିଦ୍ୟୁତ ଭବନ, ରେସ୍ କୋର୍ସ, ବଡୋଦା - ୩୯୦୦୦୭
ଗ) ମଧ୍ୟପ୍ରଦେଶ ପାୱାର ମ୍ୟାନେଜମେଣ୍ଟ କମ୍ପାନୀ ଲିମିଟେଡ୍, ଶକ୍ତି ଭବନ, ବିଦ୍ୟୁତନଗର, ଜବଲପୁର - ୪୮୨୦୦୮
ଘ) ମହାରାଷ୍ଟ୍ର ରାଜ୍ୟ ବିଦ୍ୟୁତ ବିତରଣ କମ୍ପାନୀ ଲିମିଟେଡ୍, 'ପ୍ରକାଶଗଡ଼', ବାନ୍ଦ୍ରା (ପୂର୍ବ), ମୁମ୍ବାଇ - ୪୦୦୦୫୧
ଙ) ଛତିଶଗଡ଼ ରାଜ୍ୟ ବିଦ୍ୟୁତ ବ୍ୟବସାୟ କମ୍ପାନୀ ଲିମିଟେଡ୍, ପୋ. ସୁନ୍ଦରନଗର, ଡାଙ୍ଗନିଆ, ରାଏପୁର - ୪୯୨୦୧୩
ଚ) ଦାଦରା ଏବଂ ନଗର ହାଭେଲି ଏବଂ ଦମନ ଏବଂ ଡିଉ ପାୱାର ବିତରଣ ନିଗମ୍ ଲିମିଟେଡ୍, ୧ମ ଏବଂ ୨ୟ ତଳ, ବିଦ୍ୟୁତ ଭବନ, ସିଲ୍‌ଭାସା - ୩୯୬୨୩୦, ଡିଏନ୍‌ଏଚ୍, ଭାରତ
ଛ) ଉତ୍ତର ପ୍ରଦେଶ ପାୱାର କର୍ପୋରେସନ୍ ଲିମିଟେଡ୍, ଶକ୍ତି ଭବନ, ୧୪, ଅଶୋକ ମାର୍ଗ, ଲକ୍ଷ୍ନୌ - ୨୨୬୦୦୧
ଜ) ଉତ୍ତରାଞ୍ଚଳ ପାୱାର କର୍ପୋରେସନ୍ ଲିମିଟେଡ୍, ଉର୍ଜା ଭବନ, କାନ୍ୱାଲୀ ରୋଡ୍, ଦେହରାଦୁନ୍ - ୨୪୮୦୦୧
ଝ) ଜୟପୁର ବିଦ୍ୟୁତ ବିତ୍ରଣ ନିଗମ୍ ଲିମିଟେଡ୍, ବିଦ୍ୟୁତ ଭବନ, ଜନପଥ, ଜୟପୁର - ୩୦୨୦୦୫
ଞ) ଅଜମେର ବିଦ୍ୟୁତ ବିତ୍ରଣ ନିଗମ୍ ଲିମିଟେଡ୍, ପୁରୁଣା ପାୱାର ହାଉସ୍, ହାଥୀ ଭଟା, ଜୟପୁର ରୋଡ୍, ଅଜମେର
ଟ) ଯୋଧପୁର ବିଦ୍ୟୁତ ବିତ୍ରଣ ନିଗମ୍ ଲିମିଟେଡ୍, ନୂତନ ପାୱାର ହାଉସ୍ ରୋଡ୍, ଇଣ୍ଡଷ୍ଟ୍ରିଆଲ୍ ଏରିଆ, ଯୋଧପୁର
ଠ) ବିଦ୍ୟୁତ ଉନ୍ନତି ବିଭାଗ (ଜେଏଣ୍ଡକେ), ଜମ୍ମୁ ଏବଂ କାଶ୍ମୀର ସରକାର, ସଚିବାଳୟ, ଶ୍ରୀନଗର
ଡ) BSES ରାଜଧାନୀ ପାୱାର ଲିମିଟେଡ୍, BSES ଭବନ, ନେହରୁ ପ୍ଲେସ, ନୂଆଦିଲ୍ଲୀ - ୧୧୦୦୧୯
ଢ) BSES ଯମୁନା ପାୱାର ଲିମିଟେଡ୍, ଶକ୍ତି କିରଣ ଭବନ, କାର୍କରଡୁମା, ଦିଲ୍ଲୀ
ଣ) ଟାଟା ପାୱାର ଦିଲ୍ଲୀ ବିତ୍ରଣ ଲିମିଟେଡ୍, NDPL ହାଉସ୍, ହଡସନ୍ ଲେନ୍, କିଙ୍ଗସ୍ୱେ କ୍ୟାମ୍ପ, ନୂଆଦିଲ୍ଲୀ - ୧୧୦୦୦୯
ତ) ହରିୟାଣା ପାୱାର ପର୍ଚେଜ୍ ସେଣ୍ଟର୍ ଲିମିଟେଡ୍, ଶକ୍ତି ଭବନ, ସେକ୍ଟର-୬, ପଞ୍ଚକୁଲା, ହରିୟାଣା - ୧୩୪୧୦୯
ଥ) ପଞ୍ଜାବ ରାଜ୍ୟ ବିଦ୍ୟୁତ ବୋର୍ଡ, ଦି ମଲ୍, ପଟିଆଲା - ୧୪୭୦୦୧
ଦ) ହିମାଚଳ ପ୍ରଦେଶ ରାଜ୍ୟ ବିଦ୍ୟୁତ ବୋର୍ଡ, ବିଦ୍ୟୁତ ଭବନ, ଶିମଲା - ୧୭୧୦୦୪
ଧ) ବିଦ୍ୟୁତ ବିଭାଗ, କେନ୍ଦ୍ରଶାସିତ ଚଣ୍ଡିଗଡ଼, ଅତିରିକ୍ତ କାର୍ଯ୍ୟାଳୟ ଭବନ, ସେକ୍ଟର-୯ଡି, ଚଣ୍ଡିଗଡ଼
୨. ଉତ୍ପାଦନ କେନ୍ଦ୍ରର କ୍ଷମତା: 1500 ମେଗାୱାଟ୍
୩. ପ୍ରକଳ୍ପର ଅନୁମୋଦିତ ମୂଳଧନ ଖର୍ଚ୍ଚ: ₹5690.56 କୋଟି
୪. ମୂଳଧନ ଖର୍ଚ୍ଚ ଅନୁମୋଦନ କରିଥିବା କର୍ତ୍ତୃପକ୍ଷ: CERC
୫. ବାଣିଜ୍ୟିକ ସଞ୍ଚାଳନର ନିର୍ଦ୍ଧାରିତ ତାରିଖ: ଅପ୍ରାସଙ୍ଗିକ
୬. କେନ୍ଦ୍ରର ବାଣିଜ୍ୟିକ ସଞ୍ଚାଳନର ପ୍ରକୃତ ତାରିଖ: 20.03.2010
୭. ବାଣିଜ୍ୟିକ ସଞ୍ଚାଳନର ତାରିଖରେ ମୂଳଧନ ଖର୍ଚ୍ଚ: ଅପ୍ରାସଙ୍ଗିକ
୮. ଶୁଳ୍କ ବିବରଣୀ:

| ବିବରଣୀ | ପୂର୍ବ ବର୍ଷ ପାଇଁ ଟାରିଫ | ବର୍ଷ ଅନୁଯାୟୀ ଟାରିଫ ନିର୍ଦ୍ଧାରଣ କରାଯାଇଅଛି | | | | |
|---|---|---|---|---|---|---|
| | | 2024-25 | 2025-26 | 2026-27 | 2027-28 | 2028-29 |
| ୧. କ୍ଷମତା ପ୍ରଭାର (ଟ.ଲକ୍ଷ/ବର୍ଷ) | 121044.67 | 118927.30 | 121832.60 | 126102.67 | 134243.94 | 142463.25 |
| ୨. ଉର୍ଜା ପ୍ରଭାର (ଟ./ପ୍ରତି ୟୁନିଟ୍) | 3.705 | 3.026 | | | | |

ମାନନୀୟ ସିଇଆରସିଙ୍କ ସମ୍ମୁଖରେ ଦାଖଲ କହଲଗାଁ ସୁପର ଥର୍ମାଲ ପାୱାର ଷ୍ଟେସନ, ଷ୍ଟେଜ- ୨ (୧୫୦୦ ମେଗାୱାଟ୍) ପାଇଁ ୨୦୧୯-୨୪ ଅବଧି ହେତୁ ଟାରିଫର ଟ୍ରୁ-ଅପ ନିମନ୍ତେ ଦାୟର ଯାଚିକା ଅନୁଯାୟୀ।
୯. ଟାରିଫର ନିର୍ଦ୍ଧାରଣ ହେତୁ ଦାଖଲ ଆବେଦନର ଏକ କପି ଏନଟିପିସିର ୱେବସାଇଟ www.ntpc.co.in ରେ ଟ୍ୟାବ 'ନୋଟିସ୍'ର ଅନ୍ତର୍ଗତ ପ୍ରକାଶିତ ହୋଇଅଛି।
୧୦. ପିଟିସନର ଅନ୍ତର୍ଗତ ଟାରିଫ ନିର୍ଦ୍ଧାରଣ ହେତୁ ପ୍ରସ୍ତାବରେ ଲାଭାର୍ଥୀ ସହିତ କୌଣସି ବ୍ୟକ୍ତି ଦ୍ୱାରା ପ୍ରସ୍ତାବ କିମ୍ବା ଅଭିଯୋଗ, ଯଦି ଥାଏ ତେବେ ସେହି ନୋଟିସ୍ ପ୍ରକାଶନର ୩୦ ଦିନ ଭିତରେ ଯାଚିକାକର୍ତ୍ତାଙ୍କୁ ଏହାର ଏକ ନକଲ ସହିତ ଆୟୋଗର ଇ-ଫାଇଲିଙ୍ଗ ପୋର୍ଟାଲ ମାଧ୍ୟମରେ ପ୍ରସ୍ତୁତ କରାଯାଇପାରିବ।

ସ୍ଥାନ: ନୋଏଡା (ଉ.ପ୍ର.)
ତାରିଖ: ୦୩.୧୧.୨୦୨୪
(ପ୍ରଶାନ୍ତ ଚତୁର୍ବେଦୀ)
ଅତିରିକ୍ତ ମହାପ୍ରବନ୍ଧକ (ବାଣିଜ୍ୟିକ)

ବିଦ୍ୟୁତ କ୍ଷେତ୍ରରେ ଅଗ୍ରଣୀ

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୬.୬୩ ● ପାଉଣ୍ଡ ୧୦୫.୫୫
- ୟୁରୋ ୮୯.୧୭ ● ୟେନ୍ ୦.୫୫

## ସୁନା, ରୁପା ଦର



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା: ୭୪,୦୬୦ (ନୂଆଦିଲ୍ଲୀ)
- ରୁପା : ୯୫,୬୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୬,୬୧୯.୦୦
- ନିଫ୍ଟି ୨୩,୨୦୩.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



# ଭାରତୀୟ ବିଜ୍‌ନେସ୍ ଲିଡର୍‌ଙ୍କୁ ଭେଟିଲେ ମସ୍କ



ୱାଶିଂଟନ, ୧୮।୧ (ଏଜେନ୍ସି): ଆମେରିକାରେ ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରତ୍ୟାବର୍ତ୍ତନ ଭାରତର ଆଶାକୁ ଅଧିକ ମଜବୁତ କରିଦେଇଛି। ଉଭୟ ଦେଶ ମଧ୍ୟରେ ସମ୍ବନ୍ଧ ଏବଂ ବ୍ୟବସାୟକୁ ଅଧିକ ନିବିଡ଼ କରିବାରେ ନବ ନିର୍ବାଚିତ ରାଷ୍ଟ୍ରପତି ଟ୍ରମ୍ପ ପଦକ୍ଷେପ ନେବେ ବୋଲି କୁହାଯାଉଛି। ମାତ୍ର ଟ୍ରମ୍ପଙ୍କ ଶପଥ ଗ୍ରହଣ ଉତ୍ସବକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନିମନ୍ତ୍ରଣ କରାଯାଇ ନାହିଁ ବୋଲି କୁହାଯାଉଛି। ଏହାକୁ ନେଇ ନାନା କଳ୍ପନାଜଳ୍ପନା କରାଯାଉଛି। ଟ୍ରମ୍ପ ଏବଂ ମୋଦୀଙ୍କ ମଧ୍ୟରେ ସମ୍ବନ୍ଧ ଆଉ ପୂର୍ବଭଳି ନାହିଁ ବୋଲି କୁହାଯାଉଛି। ଏପରି ଚର୍ଚ୍ଚା ଜାରି ରହିଥିବାବେଳେ ଟ୍ରମ୍ପଙ୍କ ସହଯୋଗୀ ତଥା ବ୍ୟବସାୟୀ ଏଲନ ମସ୍କ ଶୁକ୍ରବାର ଟେକ୍ସାସ୍‌ର ସ୍ପେସ୍-ଏକ୍ସ ଷ୍ଟାରବେସ୍‌ରେ ଭାରତୀୟ ବିଜ୍‌ନେସ ଲିଡର୍ସଙ୍କୁ ଭେଟିଛନ୍ତି। ଆମେରିକା ଓ ଭାରତ ମଧ୍ୟରେ ବ୍ୟବସାୟ ବୃଦ୍ଧି ଏବଂ ଏଥିରେ ଆସୁଥିବା ସମସ୍ୟା ହ୍ରାସ କରିବା ସପକ୍ଷରେ ଏହି ଭାରତୀୟ ବ୍ୟବସାୟୀଙ୍କ ପ୍ରତିନିଧିମଣ୍ଡଳ ମସ୍କଙ୍କ ସହ ଆଲୋଚନା କରିଛନ୍ତି। ଏହି ସମୟରେ ମସ୍କ ଟେକ୍ନୋଲୋଜି, ମହାକାଶରେ ସହଭାଗିତା ଏବଂ ଏଆଇ ଇନୋଭେସନ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ପ୍ରତିନିଧିମଣ୍ଡଳରେ ଏସାର କ୍ୟାପିଟଲର ନିର୍ଦ୍ଦେଶକ ପ୍ରଶାନ୍ତ ରୁଇୟା, କୋଟାକରୁ ଜୟ କୋଟାକ, ଓୟୋର ପ୍ରତିଷ୍ଠାତା ରିତେଶ ମଲିକ, ଫ୍ଲିପ୍‌କାର୍ଟ ସିଇଓ କଲ୍ୟାଣ ରାଣା, ଆଦିତ୍ୟ ବିର୍ଲା ଗ୍ରୁପର ଆର୍ଯ୍ୟମାନ ବିର୍ଲା ସାମିଲ ଥିଲେ।

**ଭାରତ-ଆମେରିକା ସମ୍ବନ୍ଧରେ ଚର୍ଚ୍ଚା**

## 'ଆଇଏଏମ୍‌ଏଆଇ ଓ କାଣ୍ଟାର' ରିପୋର୍ଟ

# ସ୍ଥାନୀୟ ଭାଷାରେ ୯୮% ୟୁଜର୍ସଙ୍କ ଇଣ୍ଟରନେଟ୍ ବ୍ୟବହାର

ନୂଆଦିଲ୍ଲୀ, ୧୮।୧ (ଏଜେନ୍ସି)

ଦେଶରେ ଇଣ୍ଟରନେଟ ବ୍ୟବହାରକାରୀଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଚଳିତ ବର୍ଷ ଏହି ସଂଖ୍ୟା ୯୦ କୋଟି ପାର୍ ହେବାର ସମ୍ଭାବନା ରହିଛି। ଗତ ବର୍ଷ ଇଣ୍ଟରନେଟ ବ୍ୟବହାରକାରୀଙ୍କ ସଂଖ୍ୟା ୮୮.୬ କୋଟିରେ ପହଞ୍ଚି ଯାଇଥିଲା। ଏଥିରେ ପ୍ରତି ବର୍ଷ ୮ ପ୍ରତିଶତ ବୃଦ୍ଧି ହେଉଛି। ଗ୍ରାମାଞ୍ଚଳରେ ଏହା ସର୍ବାଧିକ ବୃଦ୍ଧି ପାଉଛି। ମାତ୍ର ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ ୯୮ ପ୍ରତିଶତ ବ୍ୟବହାରକାରୀ ସ୍ଥାନୀୟ ଭାଷାରେ ଇଣ୍ଟରନେଟ ଚଳାଉଛନ୍ତି। ଏଥିରେ ସହରାଞ୍ଚଳର ୫୭ ପ୍ରତିଶତ ବ୍ୟବହାରକାରୀ ସାମିଲ ଅଛନ୍ତି। ସହରରେ ହିନ୍ଦୀ, ମରାଠି, ତାମିଲ, ଗୁଜରାଟୀ, ତେଲୁଗୁ ଏବଂ ବଙ୍ଗାଳୀ ଭାଷା ସର୍ବାଧିକ ବ୍ୟବହାର କରାଯାଉଛି।

ଇଣ୍ଟରନେଟ ଆଣ୍ଡ ମୋବାଇଲ ଆସୋସିଏସନ ଅଫ୍ ଇଣ୍ଡିଆ (ଆଇଏଏମ୍‌ଏଆଇ) ଏବଂ କାଣ୍ଟାର ପକ୍ଷରୁ ଜାରି 'ଇଣ୍ଟରନେଟ୍ ଇନ୍ ଇଣ୍ଡିଆ ରିପୋର୍ଟ-୨୦୨୪'ରେ ଏହା କୁହାଯାଇଛି।

ରିପୋର୍ଟ ଅନୁଯାୟୀ ଦେଶରେ ଇଣ୍ଟରନେଟ୍ ବ୍ୟବହାର କରୁଥିବା ୫୫ ପ୍ରତିଶତ (୪୮.୮ କୋଟି) ଲୋକ ଗ୍ରାମାଞ୍ଚଳର ବାସିନ୍ଦା। ଏଠାକାର ବ୍ୟବହାରକାରୀ ଦିନକୁ ୮୯ ମିନିଟ ଇଣ୍ଟରନେଟ ବ୍ୟବହାର କରୁଛନ୍ତି। ତେବେ ସହରରେ ଏହା ୯୪ ମିନିଟ୍ ରହିଛି। ଏହି ଡିଜିଟାଲ କ୍ଷେତ୍ରରେ ଲିଙ୍ଗଗତ ବ୍ୟବଧାନ ବହୁତ କମ୍ ରହିଛି। ଇଣ୍ଟରନେଟ୍ ବ୍ୟବହାରକାରୀଙ୍କ ମଧ୍ୟରେ ୪୭ ପ୍ରତିଶତ ମହିଳା ଏବଂ ୫୩ ପ୍ରତିଶତ ପୁରୁଷ ସାମିଲ ଅଛନ୍ତି। ମାତ୍ର ଗ୍ରାମାଞ୍ଚଳରେ ମହିଳା ବ୍ୟବହାରକାରୀଙ୍କ ସଂଖ୍ୟା ୫୮ ପ୍ରତିଶତ ରହିଛି। କିନ୍ତୁ ଏବେ ବି ଇଣ୍ଟରନେଟ ଭଲରେ ଚାଲୁନାହିଁ। ସହରାଞ୍ଚଳରେ ଇଣ୍ଟରନେଟର ପରିସର ବୃଦ୍ଧି ପାଇଥିବାବେଳେ ମନ୍ଥର ସ୍ପିଡ୍‌କୁ ନେଇ ଲୋକେ ଚିନ୍ତିତ ଅଛନ୍ତି। ଏହାର ସ୍ପିଡ୍ ବଢ଼ାଇବାର ଆବଶ୍ୟକତା ରହିଛି। ତେବେ ସହରରେ ୨୦୨୩-୨୪ ମଧ୍ୟରେ ସ୍ମାର୍ଟ ଟିଭି, ସ୍ପିକର ଆଦିର ବ୍ୟବହାର ବୃଦ୍ଧି ପାଇଛି। ସେହିପରି ଗ୍ରାମାଞ୍ଚଳରେ ଓଟିଟି, ସୋସିଆଲ ମିଡିଆ ଏବଂ ଅନ୍‌ଲାଇନ କମ୍ୟୁନିକେସନ ବୃଦ୍ଧି ପାଇଛି। ଏହି ଅବଧିରେ ସହରରେ ନେଟ୍ କମର୍ସ, ଡିଜିଟାଲ ପେମେଣ୍ଟ ଏବଂ ଅନ୍‌ଲାଇନ ଶିକ୍ଷାର ବ୍ୟବହାର ବଢ଼ିଛି।

ଅନ୍‌ଲାଇନ ସପିଙ୍ଗ୍‌ରେ ୧୦.୫ କୋଟି ଲୋକ 'କ୍ୟାସ୍ ଅନ୍ ଡେଲିଭରି' ବ୍ୟବହାର କରିଥାନ୍ତି। ଏମାନଙ୍କ ମଧ୍ୟରେ ସର୍ବାଧିକ ୫୨ ପ୍ରତିଶତ ମହିଳା ସାମିଲ ଅଛନ୍ତି। ପାଞ୍ଚ ଜଣରୁ ଜଣେ ଇଣ୍ଟରନେଟ ବ୍ୟବହାରକାରୀ ଭଏସ୍ ଆସିଷ୍ଟାଣ୍ଟର ଉପଯୋଗ କରୁଛନ୍ତି। ଏମାନଙ୍କ ମଧ୍ୟରେ ୨୫ରୁ ୪୪ ବର୍ଷର ୩୯ ପ୍ରତିଶତ ସାମିଲ ଅଛନ୍ତି। ଏବେ ବି ୪୧ ପ୍ରତିଶତ ଭାରତୀୟ ଇଣ୍ଟରନେଟ ବ୍ୟବହାର କରୁନାହାନ୍ତି। ଏଥିରେ ୫୧ ପ୍ରତିଶତ ଗ୍ରାମାଞ୍ଚଳ କ୍ଷେତ୍ର ସାମିଲ ରହିଛି।



**ଦିନକୁ ହାରାହାରି ୯୪ ମିନିଟ ଚଳାଉଛନ୍ତି ଇଣ୍ଟରନେଟ୍**

**୫୩% ପୁରୁଷ, ୪୭% ମହିଳା ବ୍ୟବହାର କରୁଛନ୍ତି**

**୯୦ କୋଟି ପାର୍ କରିବ ଇଣ୍ଟରନେଟ ବ୍ୟବହାରକାରୀଙ୍କ ସଂଖ୍ୟା**

# ପ୍ରଧାନମନ୍ତ୍ରୀ ଇଣ୍ଟର୍ଣ୍ଣସିପ୍ ଯୋଜନାରେ ଯୁବପିଢ଼ିଙ୍କୁ ସଶକ୍ତ କରିଛି ବେଦାନ୍ତ ଆଲୁମିନିୟମ୍

ଭୁବନେଶ୍ୱର, ୧୮।୧ (ସମିସ)



ଯୁବପିଢ଼ିଙ୍କୁ ସଶକ୍ତ କରିବାର ପ୍ରତିବଦ୍ଧତାକୁ ଅଧିକ ମଜବୁତ କରି ଜାତୀୟ ଯୁବ ଦିବସ ପାଳନ କରିଛି ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ 'ବେଦାନ୍ତ ଆଲୁମିନିୟମ'। କମ୍ପାନୀ ଏହି କ୍ଷେତ୍ରରେ ବହୁମୁଖୀ ପଦକ୍ଷେପ ଗ୍ରହଣ କରିଛି। ପ୍ରଧାନମନ୍ତ୍ରୀ ଇଣ୍ଟର୍ଣ୍ଣସିପ୍ ଯୋଜନା ଭଳି ସରକାରୀ ପଦକ୍ଷେପକୁ ସମର୍ଥନ କରିବା ଏବଂ ଗ୍ରାମୀଣ ଯୁବକମାନଙ୍କୁ ପ୍ରଗତି ପାଇଁ ଅଧିକ ସୁଯୋଗ ପ୍ରଦାନ ଲାଗି ଡିଜାଇନ୍ କରାଯାଇଥିବା ସାମାଜିକ ପ୍ରଭାବ ପ୍ରକଳ୍ପ ଗ୍ରହଣ ଅନ୍ତର୍ଭୁକ୍ତ ରହିଛି। ପ୍ରଧାନମନ୍ତ୍ରୀ ଇଣ୍ଟର୍ଣ୍ଣସିପ୍ ଯୋଜନାରେ ବେଦାନ୍ତ ଆଲୁମିନିୟମ ଛାତ୍ରଛାତ୍ରୀଙ୍କୁ ଏହାର ମେଗା ଶିଳ୍ପ କାର୍ଯ୍ୟରେ ଗୁରୁତ୍ୱପୂର୍ଣ୍ଣ ଶିଳ୍ପ ଅଭିଜ୍ଞତା ହାସଲ କରିବାର ସୁଯୋଗ ଦେଉଛି। ଏବେ ବିଶ୍ୱର ସର୍ବବୃହତ ଆଲୁମିନିୟମ ପ୍ଲାଣ୍ଟର ଘର ଝାରସୁଗୁଡାରେ ୧୮ ଜଣ ଏବଂ ଛତିଶଗଡ଼ର କୋର୍ବାସ୍ଥିତ ଭାରତର ପ୍ରତୀକାତ୍ମକ ଆଲୁମିନିୟମ ଉତ୍ପାଦକ ଭାରତ ଆଲୁମିନିୟମ କମ୍ପାନୀ (ବାଲକୋ)ରେ ୪ ଜଣ ଇଂଟର୍ନ ପ୍ରଶିକ୍ଷଣ ନେଉଛନ୍ତି। ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ଶିଳ୍ପ ସର୍ବୋତ୍ତମ ଅଭ୍ୟାସର ଆଶ୍ରୟସ୍ଥଳ ଭାବେ ଉଭୟ ପ୍ଲାଣ୍ଟ ଇଂଟର୍ନଙ୍କୁ ଆଧୁନିକ ଉତ୍ପାଦନ ଜଗତର ଏକ ଅମୂଲ୍ୟ ଝଲକ ପ୍ରଦାନ କରୁଛି। ଇଂଟର୍ନମାନେ ବର୍ତ୍ତମାନ କାର୍ଯ୍ୟ, ସ୍ଥାୟୀତ୍ୱ ଏବଂ ଡିଜିଟାଲ୍ ନବସୃଜନ ଭଳି ପ୍ରମୁଖ ବ୍ୟବସାୟିକ କ୍ଷେତ୍ରରେ ପ୍ରଭାବଶାଳୀ ପ୍ରକଳ୍ପଗୁଡ଼ିକରେ ନିୟୋଜିତ ଅଛନ୍ତି। ବେଦାନ୍ତ ଆଲୁମିନିୟମର ମୁଖ୍ୟ ପରିଚାଳନା ଅଧିକାରୀ ସୁନୀଲ ଗୁପ୍ତା କହିଛନ୍ତି ଯେ ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମଦିନକୁ ଆମେ ଜାତୀୟ ଯୁବ ଦିବସ ଭାବରେ ପାଳନ କରୁଛୁ। ସେ ସର୍ବଦା ଯୁବପିଢ଼ିଙ୍କ ଅସୀମ ସମ୍ଭାବନାକୁ ଉପଯୋଗ କରିବାକୁ ଉତ୍ସାହିତ କରିଆସିଛନ୍ତି।

# ଜୟଆଲୁକ୍କାସ୍‌ର ବ୍ରିଲିଆନ୍ସ ଡାଇମଣ୍ଡ ଜୁଏଲାରୀ ଶୋ'

## ଭୁବନେଶ୍ୱରରେ ସର୍ବବୃହତ ଅଳଙ୍କାର ପ୍ରଦର୍ଶନୀ

ଭୁବନେଶ୍ୱର, ୧୮।୧ (ସମିସ)



ବିଶ୍ୱର ଲୋକପ୍ରିୟ ଅଳଙ୍କାର ବିକ୍ରେତା ଜୟଆଲୁକ୍କାସ୍ ଭୁବନେଶ୍ୱରର ସହିଦନଗରରେ 'ବ୍ରିଲିଆନ୍ସ ଡାଇମଣ୍ଡ ଜୁଏଲାରୀ ଶୋ' ଆୟୋଜନ କରିଛି। ଏହି ବିଶାଳ ପ୍ରଦର୍ଶନୀ ଶନିବାରଠାରୁ ଆରମ୍ଭ ହୋଇଛି। ଏହା ଫେବୃଆରୀ ୯ ପର୍ଯ୍ୟନ୍ତ ଚାଲିବ। ଆଜିର ଏହି ପ୍ରଦର୍ଶନୀରେ ଅନେକ ଗ୍ରାହକଙ୍କ ସମେତ ଅଭିନେତ୍ରୀ ଶୀତଲ ପାତ୍ର, ଇନଫ୍ଲୁଏନ୍ସର ପାୟଲ ରାଉତରାଏ, ଜୟଆଲୁକ୍କାସର (ଡିଜିଏମ ରିଟେଲ) ରାଜେଶ କ୍ରିଷ୍ଣନ, ଅନିଶ ଭର୍ଗିଜ୍ (ଡିଜିଏମ ମାର୍କେଟିଂ), ସୁରେଶ ରକି (ଏଜିଏମ ରିଟେଲ) ଏବଂ ରିଜିଓନାଲ ମ୍ୟାନେଜର ରେଜିଶ ଓଏସ୍ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅସାଧାରଣ ପ୍ରଦର୍ଶନୀ ବର୍ଷର ସର୍ବବୃହତ ଅଳଙ୍କାର ପ୍ରଦର୍ଶନୀ ହେବାର ପ୍ରତିଶ୍ରୁତି ଦେଉଛି। ଏଥିରେ ହୀରା, ଅନ କଟ ହୀରା ଏବଂ ମୂଲ୍ୟବାନ ଅଳଙ୍କାରର ଅଭୂତ ପୂର୍ବ ଡିଜାଇନ୍ ପ୍ରଦର୍ଶିତ କରାଯାଉଛି। ସୂକ୍ଷ୍ମ ଅଳଙ୍କାର ପ୍ରେମୀଙ୍କ ପାଇଁ ଏହା ଅତୁଳନୀୟ ଚମତ୍କାରିତା, ବିଶ୍ୱସ୍ତରୀୟ କାରିଗରୀ ଏବଂ କଳାତ୍ମକ ବିଚକ୍ଷଣତାକୁ ଦେଖିବାରୁ ସୁଯୋଗ ଆଣିଦେଇଛି। ଏହି ପ୍ରଦର୍ଶନୀରେ ଅତି ନିଖୁଣ ଭାବେ ପ୍ରସ୍ତୁତ ସ୍ୱତନ୍ତ୍ର ସଂଗ୍ରହଗୁଡିକୁ ସ୍ଥାନିତ କରାଯାଇଛି। ଜୟଆଲୁକ୍କାସ୍ ଗ୍ରୁପର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଜୟଆଲୁକାସ୍ କହିଛନ୍ତି ଯେ ଭୁବନେଶ୍ୱରକୁ ଏହି ଅଭୂତ ଅଭିଜ୍ଞତା ଆଣି, ଐତିହ୍ୟ ସହିତ ନୂତନତାର ସମ୍ମିଶ୍ରଣ ତଥା ପରବର୍ତ୍ତୀ ପିଢୀ ପାଇଁ ପସନ୍ଦର ଅଳଙ୍କାର ପ୍ରଦର୍ଶନ କରି ଅତ୍ୟନ୍ତ ଗର୍ବିତ। ଏହା କେବଳ ଗୋଟିଏ ପ୍ରଦର୍ଶନୀ ନୁହେଁ, ବରଂ ଅସାଧାରଣ ଅଳଙ୍କାରର ଏକ ଉତ୍ସବ ମଧ୍ୟ। ଏହି ଅବସରରେ ଅଳଙ୍କାର କ୍ରୟ ଉପରେ ବିଶେଷ ଅଫର ମଧ୍ୟ ଦିଆଯାଉଛି। ଲକ୍ଷେ ଏବଂ ତଦୁର୍ଦ୍ଧ ମୂଲ୍ୟର ହୀରା ଅଳଙ୍କାର କ୍ରୟ କରୁଥିବା ଗ୍ରାହକଙ୍କୁ ଏକ ଗ୍ରାମର ସୁନାମୁଦ୍ରା ସମ୍ପୂର୍ଣ୍ଣ ମାଗଣାରେ ପ୍ରଦାନ କରାଯିବ। ଏହି ପ୍ରଦର୍ଶନୀ ଅନ୍ତର୍ଜାତୀୟ ଅଳଙ୍କାର କ୍ରୟର ଅଭିଜ୍ଞତା ପ୍ରଦାନ କରୁଛି। ଏହା ଜୟଆଲୁକାସଙ୍କ କାରିଗରୀ, ନବସୃଜନ ଏବଂ ଅନ୍ତହୀନ ସୌନ୍ଦର୍ଯ୍ୟ ପ୍ରତି ଉତ୍ସର୍ଗତାର ପ୍ରମାଣ।

# ଟାଟା ପାୱାର୍‌ର ଅତ୍ୟାଧୁନିକ ବିଦ୍ୟୁତ୍ ବଣ୍ଟନ ପ୍ରଯୁକ୍ତି କେନ୍ଦ୍ରର ଶୁଭାରମ୍ଭ



ଭୁବନେଶ୍ୱର, ୧୮।୧ (ସମିସ): ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିସିଓଡିଏଲ୍) ପକ୍ଷରୁ ଆଜି ଭୁବନେଶ୍ୱରରେ ଏକ ଅତ୍ୟାଧୁନିକ ବିଦ୍ୟୁତ୍ ବଣ୍ଟନ ପ୍ରଯୁକ୍ତି କେନ୍ଦ୍ରକୁ ଉପ-ମୁଖ୍ୟମନ୍ତ୍ରୀ କେ ଭି ସିଂହଦେଓ ଉଦ୍‌ଘାଟନ କରିଛନ୍ତି। ଓଡ଼ିଶାକୁ ଶକ୍ତି ବିତରଣର ଉତ୍କର୍ଷ କେନ୍ଦ୍ରରେ ପରିଣତ କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଉପ-ମୁଖ୍ୟମନ୍ତ୍ରୀ କହିଛନ୍ତି । ସେ ଓଡ଼ିଶାରେ ବିଦ୍ୟୁତ୍ ବଣ୍ଟନକୁ ସୁଦୃଢ଼ କରିବା ଦିଗରେ ଟାଟା ପାୱାରର ଅତୁଟ ଖୁବ୍ ପ୍ରଶଂସା କରିଛନ୍ତି। ଏହି ଅବସରରେ ଓଡ଼ିଶାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଓ ଟାଟା ପାୱାରର ସିଇଓ ତଥା ଏମ୍‌ଡି ଡକ୍ଟର ପ୍ରବୀର ସିହ୍ନା, ଟିଆଣ୍ଡଡି ସଭାପତି ସଞ୍ଜୟ ବାଙ୍ଗା, ସମସ୍ତ ଡିସକମ୍ ଯଥା ଟିପିସିଓଡିଏଲ୍, ଟିପିଏନ୍‌ଓଡିଏଲ୍, ଟିପିଏସ୍‌ଓଡିଏଲ୍ ଓ ଟିପିଡବ୍ଲୁଓଡିଏଲ୍‌ର ସିଇଓଙ୍କ ସମେତ ରାଜ୍ୟ ସରକାର ଏବଂ କମ୍ପାନୀର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି କେନ୍ଦ୍ର ବଣ୍ଟନ ନେଟୱର୍କ ପରିଚାଳନା ଓ ପରିଚାଳନାଗତ ଉତ୍କର୍ଷରେ ଏକ ଯୁଗାନ୍ତକାରୀ ପଦକ୍ଷେପ। ଏହି ଅତ୍ୟାଧୁନିକ ପ୍ରଯୁକ୍ତି ହବ୍‌ରେ ୨୪ ଘଣ୍ଟିଆ ପାୱାର ସିଷ୍ଟମ କଂଟ୍ରୋଲ ସେଂଟର (ପିଏସସିସି) ସହିତ ଆଡଭାନ୍ସ ଅପରେସନାଲ ଟେକ୍ନୋଲୋଜି ଏବଂ ସୂଚନା ପ୍ରଯୁକ୍ତି ବ୍ୟବସ୍ଥାକୁ ସମନ୍ୱିତ କରାଯାଇଛି। ଏହା ସମଗ୍ର ଓଡ଼ିଶାରେ ବାସ୍ତବ ସମୟ ନେଟୱାର୍କ ନିରୀକ୍ଷଣ, ନିରବଚ୍ଛିନ୍ନ ବ୍ୟବସ୍ଥା ପରିଚାଳନା ଏବଂ ବିଦ୍ୟୁତ ଯୋଗାଣକୁ ସୁନିଶ୍ଚିତ କରିବ।

ଭୌଗୋଳିକ ସୂଚନା ପ୍ରଣାଳୀ (ଜିଆଇଏସ୍) ପ୍ରଯୁକ୍ତି, ସମ୍ପତ୍ତି ପରିଚାଳନା ଏବଂ ଉପଭୋକ୍ତା ସୂଚକାଙ୍କକୁ ସୁବ୍ୟବସ୍ଥିତ କରୁଥିବାବେଳେ ୟୁଟିଲିଟି ଡାଟା ଷ୍ଟ୍ରିମ୍ (ୟୁଡିଏସ୍) ଜିଆଇଏସ୍, ବିଲିଂ ଏବଂ ମିଟର ପରିଚାଳନାର ସମନ୍ୱୟ ମାଧ୍ୟମରେ ଶକ୍ତି ଅଡିଟ୍‌କୁ ସ୍ୱୟଂଚାଳିତ କରିଥାଏ। ଏହି କେନ୍ଦ୍ରରେ ଥିବା ଡାଟା ସେଣ୍ଟରରେ ୪୦୦ରୁ ଅଧିକ ସର୍ଭର ରହିଛି। ଏହା ଅନ୍ୟ କେନ୍ଦ୍ର ପାଇଁ ବ୍ୟାକ୍‌ଅପ୍ ଡାଟା ହବ୍ ଭାବେ ମଧ୍ୟ କାର୍ଯ୍ୟ କରିବ।

# କୋଣାର୍କ ସୂର୍ଯ୍ୟ ମନ୍ଦିର ପରିସରରେ ଡିଏମ୍‌ଏଫ୍ ପ୍ରଦର୍ଶନୀ ଉଦ୍‌ଘାଟିତ

ଭୁବନେଶ୍ୱର, ୧୮।୧ (ସମିସ): କୋଣାର୍କ ସୂର୍ଯ୍ୟ ମନ୍ଦିର ପରିସରରେ ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଏବଂ ଓଡ଼ିଶା ସରକାରଙ୍କ ସହଭାଗିତାରେ ଶନିବାର ଡିଏମଏଫ ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଯାଇଛି। ଏହା ୨୧ ପର୍ଯ୍ୟନ୍ତ ଚାଲିବ। ଏଥିରେ ଖଣି ପ୍ରଭାବିତ ଅଞ୍ଚଳର ଦୀର୍ଘସ୍ଥାୟୀ ବିକାଶ ସମ୍ବନ୍ଧିତ ପ୍ରଦର୍ଶନୀ ସାମିଲ ହୋଇଛି। ନାଲକୋ, ଓଡ଼ିଶା ଖଣି ନିଗମ, ତଥା ଖଣି ମନ୍ତ୍ରଣାଳୟର ଉଚ୍ଚ ପଦାଧିକାରୀଙ୍କ



ଉପସ୍ଥିତିରେ ଖଣି ମନ୍ତ୍ରଣାଳୟର ଯୁଗ୍ମ ସଚିବ ଫରିଦା ଏମ. ନାୟକ ଏହି ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। 'ନିରନ୍ତର ବିକାଶ ଦ୍ୱାରା ସମ୍ପ୍ରଦାୟକୁ ସଶକ୍ତ କରିବା' ବିଷୟବସ୍ତୁ ଉପରେ ଆଧାରିତ ଏହି ପ୍ରଦର୍ଶନୀରେ ଡିଏମଏଫ, ଭାରତୀୟ ଭୂତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଜିଏସଆଇ), ହିନ୍ଦୁସ୍ତାନ କପର ଲିମିଟେଡ୍, ନାଲକୋ, ହିନ୍ଦୁସ୍ତାନ ଜିଙ୍କ ଏବଂ ଓଡ଼ିଶା ସରକାରଙ୍କ ତରଫରୁ ବିଭିନ୍ନ ଷ୍ଟଲ ମାଧ୍ୟମରେ ସ୍ୱୟଂ ସହାୟକ ଗୋଷ୍ଠୀ ସହିତ ଅନ୍ୟାନ୍ୟ ସଂଗଠନର ବିକାଶ ସମ୍ବନ୍ଧିତ କାର୍ଯ୍ୟକ୍ରମ ହୋଇଛି।

# ଚଳିତ ସପ୍ତାହରେ ସୁନା ମୂଲ୍ୟ ୧୨୨୧ ଟଙ୍କା ବୃଦ୍ଧି

ନୂଆଦିଲ୍ଲୀ, ୧୮।୧ (ଏଜେନ୍ସି): ଚଳିତ ସପ୍ତାହରେ ସୁନା ଏବଂ ରୁପା ମୂଲ୍ୟ ବୃଦ୍ଧି ପାଇଛି। ଇଣ୍ଡିଆ ବୁଲିୟନ ଆଣ୍ଡ ଜିଏଲର୍ସ ଆସୋସିଏସନ (ଆଇବିଜେଏ)ର ସୂଚନା ଅନୁଯାୟୀ ଗତ ଶନିବାର ୧୦ ଗ୍ରାମ ପିଛା ୨୪ କ୍ୟାରଟ ସୁନା ମୂଲ୍ୟ ୭୮,୦୧୮ ଟଙ୍କା ଥିଲା। ଏବେ ଏହା ୭୯, ୨୩୯ ଟଙ୍କାରେ ପହଞ୍ଚି ଯାଇଛି। ସପ୍ତାହକେ ସୁନା ମୂଲ୍ୟ ୧୨୨୧ ଟଙ୍କା ବୃଦ୍ଧି ପାଇଛି। ଏହି ଅବଧିରେ ରୁପା ୫୫୨ ଟଙ୍କା ମହଙ୍ଗା ହୋଇଛି। ଏହା କେଜି ପିଛା ୯୦,୮୨୦ ଟଙ୍କା ରହିଛି। ଗତ ଶନିବାର ଏହା ୯୦, ୨୬୮ ଟଙ୍କା ଥିଲା।

# ପ୍ରଥମ ଇଲେକ୍ଟ୍ରିକ୍ ଏସ୍‌ୟୁଭି 'ଇ-ଭିଟାରା' ଆଣିଲା ମାରୁତି ସୁଜୁକି



ଭୁବନେଶ୍ୱର, ୧୮।୧ (ସମିସ): ମାରୁତି ସୁଜୁକି ଲିମିଟେଡ (ଏମ୍‌ଏସ୍‌ଆଇଏଲ) ଆଜି ଭାରତ ମୋବିଲିଟି ଗ୍ଲୋବାଲ ଏକ୍ସପୋ-୨୦୨୫ରେ ନିଜର ପ୍ରଥମ ବି-ଇଭି 'ଇ-ଭିଟାରା' ଏବଂ ବ୍ୟାପକ 'ଇ ଫର ମି' ଇଲେକଟ୍ରିକ ଇକୋ ସଲ୍ୟୁସନ୍ସର ଶୁଭାରମ୍ଭ କରିଛି। ଗ୍ରାଉଣ୍ଡ-ଅପ୍ ହାର୍ଟଟେକ୍ଟ ଇ-ପ୍ଲାଟଫର୍ମରେ ନିର୍ମିତ 'ଇ-ଭିଟାରା' ଉନ୍ନତ କାର୍ଯ୍ୟଦକ୍ଷତା ଏବଂ ଉତ୍କୃଷ୍ଟ ସୁବିଧା ପ୍ରଦାନ କରୁଛି। ଏଥିରେ ଅନେକ ସୁରକ୍ଷା ବୈଶିଷ୍ଟ୍ୟ ମଧ୍ୟ ରହିଛି। ଏହି ଅବସରରେ ସୁଜୁକି ମୋଟର କର୍ପୋରେସନ ରିପ୍ରେଜେନଟିଭ ନିର୍ଦ୍ଦେଶକ ତଥା ପ୍ରେସିଡେଣ୍ଟ ତୋଶିହିରୋ ସୁଜୁକି କହିଛନ୍ତି ଯେ ତ୍ରିମୁଖୀ ରଣନୀତି ମାଧ୍ୟମରେ ବିଇଭିକୁ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ କରାଯାଇଛି। ସର୍ବୋତ୍ତମ ପ୍ରଦର୍ଶନ ପାଇଁ ଏକ ବିଇଭି ଉତ୍ସର୍ଗୀକୃତ ପ୍ଲାଟଫର୍ମ, ଗ୍ରାହକଙ୍କ ଆବଶ୍ୟକତା ଆଧାରରେ ଟାର୍ଗେଟ ବଜାର ପାଇଁ ଉପଯୁକ୍ତ ଉତ୍ପାଦର ବିକାଶ ଏବଂ ବୈଶ୍ୱିକ ଅର୍ଥନୀତିର ଲାଭ ଉଠାଇ ବିଶ୍ୱ ପାଇଁ ଗୋଟିଏ ସ୍ଥାନରେ ଉତ୍ପାଦନକୁ କେନ୍ଦ୍ରୀଭୁତ କରିବାକୁ କମ୍ପାନୀ ଚାହୁଁଛି। ଏହାର ଗୁଣାତ୍ମକ ଉତ୍ପାଦନ ଏବଂ ସ୍କେଲ ମେରିଟ କାରଣରୁ ଭାରତକୁ ବିଶ୍ୱସ୍ତରୀୟ ଉତ୍ପାଦନ ଆଧାର ଭାବରେ ବାଛିଛୁ। ଆଉ ଏହା 'ମେକ ଇନ ଇଣ୍ଡିଆ' ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱପ୍ନ ମଧ୍ୟ। ମାରୁତି ସୁଜିକି ଇଣ୍ଡିଆ ଲିମିଟେଡର ମ୍ୟାନେଜିଂ ଡାଇରେକ୍ଟର ତଥା ସିଇଓ ହିସାଶୀ ଟାକେଉଚି କହିଛନ୍ତି ଯେ ଇ-ଭିଟାରା ଏକ ନୂତନ ପ୍ଲାଟଫର୍ମରେ ନିର୍ମିତ ଏସ୍‌ୟୁଭି। ଏହାକୁ ହାର୍ଟଟେକ୍ଟ-ଇ କୁହାଯାଏ। ଥରେ ଚାର୍ଜରେ ୬୧ କେଡବ୍ଲୁଏଚ୍ ସହିତ ୫୦୦ରୁ ଅଧିକ କିମି ଯିବାକୁ ସକ୍ଷମ। ଏଥିରେ ଲେଭେଲ ୨ ଏଡିଏଏସ, ଇଂଟିଗ୍ରେଟେଡ ଡିଜିଟାଲ ଡିସପ୍ଲେ ଏବଂ ନେକ୍ସଟ-ଜେନ ସୁଜୁକି କନେକ୍ଟ ରହିଛି। ସୁରକ୍ଷା ପାଇଁ ୭ଟି ଏୟାର ବ୍ୟାଗ ଏବଂ ଆଡଭାନ୍ସଡ ଡ୍ରାଇଭର ଆସିଷ୍ଟାନ୍ସ ସିଷ୍ଟମ (ଏଡିଏଏସ) ରହିଛି। ଏହା ସହ ୨ଟି ବ୍ୟାଟେରୀର ବିକଳ୍ପ ଦିଆଯାଉଛି।

## ସେୟାରରେ ଖେଳ: ୭ କମ୍ପାନୀକୁ ନିଷିଦ୍ଧ କଲା ସେବି

# ୮ ମାସରେ ସମ୍ପତ୍ତି ୪୦ କୋଟିରୁ ୪ ହଜାର କୋଟିକୁ ବୃଦ୍ଧି

ମୁମ୍ବାଇ, ୧୮।୧ (ଏଜେନ୍ସି)

ସେୟାରରେ ଖେଳ କରୁଥିବା ୭ କମ୍ପାନୀଙ୍କୁ ବଜାର ନିୟାମକ ସେବି ନିଷିଦ୍ଧ କରିଦେଇଛି। ଏଗୁଡିକ ମଧ୍ୟରେ ପାଟେଲି ଇଣ୍ଡଷ୍ଟ୍ରିଆଲ ଫାଇନାନ୍ସ ଲିମିଟେଡ (ପିଆଇଏଫ୍‌ଏଲ), ଅଭିଜିତ ଟ୍ରେଡିଂ କମ୍ପାନୀ, କେଲିକ୍ସ ସିକ୍ୟୁରିଟିଜ୍, ହିବିସ୍କସ୍ ହୋଲ୍‌ଡିଂସ୍, ଆଭେଲ ଫାଇନାନ୍‌ସିଆଲ ସର୍ଭିସେସ୍, ଏଡପ୍ଟିକା ରିଟେଲ ଇଣ୍ଡିଆ ଏବଂ ସଲ୍‌ଫର ସିକ୍ୟୁରିଟିଜ ସାମିଲ ରହିଛି। ସେବି ପକ୍ଷରୁ କୁହାଯାଇଛି ଯେ ପିଆଇଏଫ୍‌ଏଲ ନନ୍-ପ୍ରମୋଟର ଭାବେ ବର୍ଗୀକୃତ ୬ ସଂସ୍ଥାଠାରୁ ହଜାରେ କୋଟି ଟଙ୍କା ଋଣ ନେଇଥିଲା। ଏହାକୁ ପରେ ଅଗ୍ରାଧିକାର ଆବଣ୍ଟନ ଭିତ୍ତିରେ ଇକ୍ୱିଟିରେ ବଦଳାଇ ଦିଆଯାଇଥିଲା। ମାତ୍ର ଋଣ ଏବଂ ଟଙ୍କାକୁ କେବଳ କାଗଜପତ୍ରରେ ରଖାଯାଇଥିଲା। ଯେଉଁମାନେ ଋଣ ଦେବାର ନାଟକ କରୁଥିଲେ, ସେମାନଙ୍କୁ କମ୍ପାନୀର ୯୯.୨୮ ପ୍ରତିଶତ ସେୟାର ଦିଆଯାଇଥିଲା। ଅର୍ଥାତ୍ ସମ୍ପୂର୍ଣ୍ଣ କମ୍ପାନୀ ସେମାନଙ୍କ ହାତକୁ ଚାଲି ଯାଇଥିଲା। କେବଳ ୦.୭୨ ପ୍ରତିଶତ ସେୟାରରେ କିଣିବିକା ହେଉଥିଲା। ଏଭଳି ମନମୁଖୀ ଭାବେ ସେୟାର ମୂଲ୍ୟ ବୃଦ୍ଧି କରାଯାଇଥିଲା। ଏହା ଦ୍ୱାରା କମ୍ପାନୀର ପୁଞ୍ଜି ମାତ୍ର ୮ ମାସରେ ୪ ହଜାର କୋଟିରେ ପହଞ୍ଚି ଯାଇଥିଲା। ୨୦୨୪ ଡିସେମ୍ବର ୨ରୁ ଚଳିତ ବର୍ଷ ଜାନୁଆରୀ ୧୬ ମଧ୍ୟରେ କମ୍ପାନୀର ସେୟାର ମୂଲ୍ୟ ୩୭୨ ପ୍ରତିଶତ ବଢ଼ାଇ ଦିଆ ଯାଇଥିଲା। ତେବେ ପେଟିଏମର ମୂଳ କମ୍ପାନୀ ୱାନ୯୭ କମ୍ୟୁନିକେସନର ୮ ଜଣ ପୂର୍ବତନ ଅଧିକାରୀଙ୍କୁ ଏହି ସମସ୍ୟାର ସମାଧାନ ଲାଗି ସେବିକୁ ୩.୩୨ କୋଟି ଟଙ୍କା ଦେବାକୁ ପଡ଼ିଥିଲା। ଏମାନଙ୍କ ମଧ୍ୟରେ ଅମିତ ଖେରା, ଅସିତ ଲିଲାନି, ନିରଜ ଆରୋରା, ପଲ୍ଲବି ଶ୍ରଫ ସାମିଲ ଅଛନ୍ତି। କମ୍ପାନୀର ଏମ୍‌ଡି ବିଜୟ ଶର୍ମା ଏବଂ ତାଙ୍କ ସମ୍ପର୍କୀୟଙ୍କୁ ଦିଆଯାଇଥିବା ଦରମାରେ ନିୟମ ଉଲ୍ଲଂଘନ କରାଯାଇଥିଲା।

SEBI
भारतीय प्रतिभूति और विनिमय बोर्ड
Securities and Exchange Board of India

